ସକାଳ
THE SAKALA



### ବିଡ଼ି କାରିଗରଙ୍କୁ ଠକିଛି ବିଜେପି ସରକାର

# ୫୦ ଶଯ୍ୟା ମେଡିକାଲ ହେଲାନି, ପୁଣି ୫୦୦ରେ ଦେଲେ ମିଥ୍ୟା ପ୍ରତିଶ୍ରୁତି

**ସମ୍ବଲପୁର, ୨୧।୫(ସମିସ)**

ସମ୍ବଲପୁର ନିର୍ବାଚନୀ ପ୍ରଚାର ଆଜି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତା ଶାହା ଆସି ମିଥ୍ୟା ପ୍ରତିଶ୍ରୁତିର ପାହାଡ଼ ସୃଷ୍ଟି କରିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ସେ ଲୋକଙ୍କୁ ଭୁଆଁ ବୁଲାଇଥିବା ବେଳେ ବିଡି କାରିଗର ଓ କେନ୍ଦୁ ପତ୍ର ସଂଗ୍ରହରେ ସମ୍ପୃକ୍ତରେ ଥିବା ଅସ୍ଥାୟୀ କର୍ମଚାରୀ ଓ ଶ୍ରମିକମାନଙ୍କୁ ପୁଣି ଠକିଥିଲେ। ବିଡି କାରିଗରଙ୍କ ପାଇଁ ସମ୍ବଲପୁରରେ ଏକ ୫୦୦ ଶଯ୍ୟା ବିଶିଷ୍ଟ ମେଡିକାଲ ନିର୍ମାଣ କରାଯିବ ବୋଲି କହିଥିଲେ। ୧୦ ବର୍ଷ ପୂର୍ବରୁ ବିଡି ଶ୍ରମିକଙ୍କ ପାଇଁ ସମ୍ବଲପୁରରେ ୫୦ ଶଯ୍ୟା ବିଶିଷ୍ଟ ମେଡିକାଲ ସ୍ଥାପନା ପାଇଁ ପ୍ରସ୍ତାବ ହୋଇଥିଲା। ଯାହା ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇ ପାରିଲାନାହିଁ। ଏବେ ୫୦୦ ଶଯ୍ୟା ବିଶିଷ୍ଟ ମେଡିକାଲ ଘୋଷଣା ନିର୍ବାଚନ ଜୁମୁଲା ବୋଲି ଲୋକେ କହୁଛନ୍ତି।

ବିଜେପି ନେତୃତ୍ୱରେ ଚାଲିଥିବା କେନ୍ଦ୍ର ସରକାର ସମ୍ବଲପୁର ଜିଲ୍ଲା ବିଡି କାରିଗରଙ୍କୁ ଠକିଛନ୍ତି। ଜିଲ୍ଲାରେ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ପ୍ରତିଷ୍ଠା ହେବାକୁ ଏକ ଇଏସଆଇ ମେଡିକାଲ ନିର୍ମାଣ କରିବାକୁ ପ୍ରସ୍ତାବ ରଖିଥିଲେ। ହେଲେ ପ୍ରାୟ ୧୦ ବର୍ଷ ହେବ ଆରମ୍ଭ ହୋଇ ପାରିଲା ନାହିଁ। କେନ୍ଦ୍ରର ସରକାରଙ୍କ ଏଭଳି ପ୍ରକଳ୍ପ, ଯୋଜନା ଗୁଡିକ କେବଳ ମିଥ୍ୟା ପ୍ରତିଶ୍ରୁତି, ଘୋଷଣାରେ ସୀମିତ ରହିଯାଏ ବୋଲି ବିଡି କାରିଗର ସଂଘ ସମ୍ପାଦକ ଗୋକୁଳ ମେହେର କହିଛନ୍ତି। ସେ ଆହୁରି କହିଛନ୍ତିଯେ ସେ କମିଟିରେ ସଦସ୍ୟ ଅଛନ୍ତି। ବିଡ଼ି କାରିଗର, ଶ୍ରମିକ, ତୋଳାଳି ତଥା ଏହା ଉପରେ ନିର୍ଭର କରୁଥିବା ପରିବାରକୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଜିଲ୍ଲାରେ ଇଏସଆଇ ମେଡିକାଲ କରିବାକୁ ଦାବି ପରେ ନିଷ୍ପତି ନିଆଯାଇଥିଲା। ସମସ୍ତ ସୁବିଧା ଥାଇ ଅତି କମରେ ୫୦ ଶଯ୍ୟା ବିଶିଷ୍ଟ ମେଡିକାଲ କରିବାକୁ ପ୍ରସ୍ତାବିତ ହୋଇଥିଲା। ସମ୍ବଲପୁର ସହର ଉପକଣ୍ଠ କୌଣସି ସ୍ଥାନରେ ନ ହେଲେ ରେଙ୍ଗାଲି




ପାଖରେ କରିବାକୁ ଯୋଜନା କରାଯାଇଥିଲା। ହେଲେ କେନ୍ଦ୍ର ଶ୍ରମ ସଚିବଙ୍କ ଦପ୍ତରରେ ଫାଇଲ୍ ଦସ୍ତରରେ ଏହା ଫାଇଲ ପଡ଼ି ରହିଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବିଜେପି ନେତା ଓ କେନ୍ଦ୍ରୀୟ ବିଜେପି ନେତାଙ୍କ ଆନ୍ତରକିତା ଅଭାବ ଯୋଗୁଁ ପ୍ରସ୍ତାବିତ ବିଡ଼ି କାରିଗର ମେଡିକାଲ ଫାଇଲ୍ ଉପରେ ମଇଳାର ଜମାଟ ବାନ୍ଧିଛି। ଦେଶର ଅନେକ ସ୍ଥାନରେ ବିଡ଼ି କାରିଗର ଡାକ୍ତରଖାନା ଥିବାବେଳେ ଆମ ରାଜ୍ୟ ତଥା ସମ୍ବଲପୁର ଜିଲ୍ଲାକୁ ଅବହେଳା କରାଯାଉଛି। ସ୍ୱାସ୍ଥ୍ୟସେବା ସବୁ ସବୁ କାରିଗରମାନଙ୍କ ପାଖକୁ ପହଞ୍ଚୁନାହିଁ। ବର୍ଷ ବର୍ଷ ଧରି କେତେକ ନିର୍ଦ୍ଦିଷ୍ଟ ଗାଁକୁ ଭ୍ରାମ୍ୟମାଣ ଦଳ ଯାଉଥିବାରୁ ବହ ସଂଖ୍ୟକ କାରିଗର ସେବାରୁ ବଞ୍ଚିତ ହେଉଛନ୍ତି। ରେଙ୍ଗାଲିରେ ବିଡି କାରିଗର ଡାକ୍ତରଖାନା ପ୍ରତିଷ୍ଠା ପାଇଁ ବର୍ଷ ବର୍ଷ ଧରି ବାରମ୍ବାର ଦାବିପତ୍ର ଏବଂ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରି ଆସୁଛି। କିନ୍ତୁ ପ୍ରଶାସନ ନିଦାବିଷ୍ଟୁ ସାଜିଛନ୍ତି କରିଛନ୍ତି। ଆମ ରାଜ୍ୟକୁ ଅଣଦେଖା କରି କମ୍ ବିଡ଼ି କାରିଗରଙ୍କ ପାଇଁ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ବିହାର ଆଦି ରାଜ୍ୟରେ ଦୁଇଟି ଲେଖାଏଁ ଉନ୍ନତମାନର ବିଡ଼ି କାରିଗର ଡାକ୍ତରଖାନା ପ୍ରତିଷ୍ଠା ହୋଇସାରିଛି। କିନ୍ତୁ ଅତି ଦୁଃଖ ଏବଂ ପରିତାପ ତଥା ବିଡ଼ମ୍ବନାର ବିଷୟ ଯେ ଆମ ରାଜ୍ୟରେ ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ବିଡ଼ି ଶ୍ରମିକ ଡାକ୍ତରଖାନା ପ୍ରତିଷ୍ଠା ହୋଇପାରିନାହିଁ ବୋଲି କହିଛନ୍ତି।

ସମ୍ବଲପୁର ଜିଲ୍ଲା ତଥା ପଡୋଶୀ ଜିଲ୍ଲା ମିଶାଇଲେ ଲକ୍ଷଲକ୍ଷ ବିଡ଼ି କାରିଗର ଅଛନ୍ତି। ହେଲେ ଡାକ୍ତରଖାନା ନାହିଁ। ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବିଜେପି ନିର୍ବାଚନ ସମୟରେ ନାରା ଦେଉଥିବା ବେଳେ ସମ୍ବଲପୁରରେ ବିଡି କାରିଗର ମେଡିକାଲ ନହେବା ବିଜେପିର ବିଫଳତା ଉଦାହରଣ ବୋଲି ଲୋକେ କହୁଛନ୍ତି। ରେଙ୍ଗାଲି, ପରମାଣପୁର ସମ୍ବଲପୁର ସହରାଞ୍ଚଳରେ ୨ ଲକ୍ଷ ୪୫ ହଜାର ପଞ୍ଜିକୃତ ବିଡ଼ କାରିଗର ବିଭିନ୍ନ କମ୍ପାନୀର ବିଡ଼ି ତିଆରି କରିଥାନ୍ତି। ପଞ୍ଜିକୃତ ବିଡ଼ି କାରିଗର ବ୍ୟତୀତ ଅଣପଞ୍ଜିକୃତ କାରିଗରଙ୍କ ସଂଖ୍ୟା ପ୍ରାୟ ୨ ଲକ୍ଷ ହେବ। ରେଙ୍ଗାଲି ବ୍ଲକ ଅଞ୍ଚଳରେ ୧ ଲକ୍ଷରୁ ବିଡ଼ି କାରିଗର ଅଛନ୍ତି। ବିଡ଼ି ତିଆରି କାମ ୱେଲଫେଆର୍ ଏଣ୍ଡ ସେସ୍ କମିଶନରଙ୍କ ନିକଟକୁ ପଠାଇଥିଲେ। ରେଙ୍ଗାଲିରେ ବିଡ଼ି ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଆବଶ୍ୟକ ଶ୍ରମିକ ଯୋଗାଡ଼ ସେସ୍ ହେଲା ପରେ ୱେଲଫେଆର୍ କମିଶନର ଏ ସଂକ୍ରାନ୍ତୀୟ ସମସ୍ତ ଦସ୍ତାବିଜ୍ କେନ୍ଦ୍ର ଶ୍ରମ କଲ୍ୟାଣ ସଚିବଙ୍କ ପାଖକୁ ପଠାଇଛନ୍ତି। ୧୦ ବର୍ଷ ବିତିଗଲା ପରେ ମଧ ପ୍ରସ୍ତାବିତ ମେଡିକାଲ ନାଲିଫିତାରେ ବନ୍ଧା ହୋଇ ପଡ଼ିଛି। କେନ୍ଦ୍ର ମନ୍ତ୍ରଣାଳୟର ପୁରା ଅସହଯୋଗ ରହୁଛି। ଅଇଁଠାପାଲିରେ ଏକ ଡିସ୍ପେନ୍‌ସରୀ ବିଡ଼ି କାରିଗର ତଥା ଅନ୍ୟ ଇଏସଆଇ ଅଧିନରେ ଥିବା ପରିବାର ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପାଇଥିବାର ଦେଖିବାକୁ ମିଳୁଛି। ରେଙ୍ଗାଲି ମୌଜାର ରମାପଡ଼ାରେ ଖାତା ନଂ ୫୦୪୬ର ପ୍ରାୟ ୨୦ ଏକର ପତିତ କିସମ ଜମି ଚିହ୍ନଟ କରାଯାଇଥିଲା। ଏହି ଜମିରେ ବିଡ଼ି ଶ୍ରମିକଙ୍କ ପାଇଁ ଡାକ୍ତରଖାନା ନିର୍ମାଣ ପ୍ରସ୍ତାବ ହୋଇଥିଲା।

# ସହରରେ ଅଶାନ୍ତି ସୃଷ୍ଟି ପାଇଁ ଜୟ ନାରାୟଣଙ୍କ ଷଡ଼ଯନ୍ତ୍ର

**ସମ୍ବଲପୁର, ୨୧।୫(ସମିସ):** ବିରୋଧିଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପୁଣି ଉତ୍ତେଜନା ସୃଷ୍ଟି ହେବା ଭଳି ଆଜି ପିଏଚଡି ପଡ଼ିଆରେ ସାଧାରଣ ସଭାରେ ଭାଷଣ ଦେଇଥିଲେ। ଭାଷାର ଶାଳିନତା ରହିନଥିଲା।



ସାମ୍ପ୍ରଦାୟିକ ଉତ୍ତେଜନା ହେବା ଭଳିଆ ମନ୍ତବ୍ୟ ଦେଇଥିଲେ। ନିର୍ବାଚନ ଜିତିବା ସପ୍ନ ଦେଖି ଶେଷରେ ସହରରେ ଅଶାନ୍ତ ବାତାବରଣ ସୃଷ୍ଟି କରିବା ପାଇଁ ବିଧାୟକ ପ୍ରାର୍ଥୀ ଜୟନାରାୟଣ ଏଭଳି ବିଭ୍ରାନ୍ତିକର, ବିବାଦୀୟ ମନ୍ତବ୍ୟ ଦେଇ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରୁଛନ୍ତି। ଆଜି ସଭାରେ ହନୁମାନ ଜୟନ୍ତୀ ସମୟରେ ପ୍ରଶାସନ କରିଥିବା ଅତ୍ୟାଚାର କରିଥିବା ଅଭିଯୋଗ ଆଣିଥିଲେ। ଗୋଟିଏ ସମ୍ପ୍ରଦାୟର ଲୋକଙ୍କୁ ତାଲିକା କରି ଜେଲ ଭିତରେ ପୁରାଇଥିଲେ। ଅନ୍ୟ ସମ୍ପ୍ରଦାୟ ଅଭିଯୁକ୍ତଙ୍କୁ ସୋହେଲା ଜେଲକୁ ନେଇ ଆରମରେ ରଖିଥିଲେ। ହନୁମାନ ଜୟନ୍ତୀ ଶୋଭାଯାତ୍ରା ଚଳିତ ବର୍ଷ ବନ୍ଦ କରିଦେଲେ ବୋଲି କହିଥିଲେ। ଏହା ସହ ଖୋଲମ ଖୋଲାଭାବେ ଧମକ ଦେଉଥିଲେ। ଜଣେ ବ୍ୟବସାୟୀଙ୍କୁ ଇଙ୍ଗିତ କରି ବିଜେପି ସରକାର ଆସିଲେ ବିଚ ରାସ୍ତାରେ ଗୋଡ଼, ହାତରେ କଡି ଲଗାଇ ଘୋଷାଡି ଘୋଷାଡି ନେବେ ବୋଲି କହିଥିଲେ। ସଭାରେ ଜୟଙ୍କ ମନ୍ତବ୍ୟ ଦେବା ଘଟଣାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ଏହା କେବଳ ରାଜନୈତିକ ଫାଇଦା ନେବାକୁ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରକୁ ହେବା ପାଇଁ ଲୋକମାନଙ୍କୁ ଉସକାଇଲା ଭଳି ବିବାଦୀୟ ବୟାନ ଦେଉଛନ୍ତି ବୋଲି ଆଲୋଚନା ହେଉଛି। ବାରମ୍ବାର ହନୁମାନ ଜୟନ୍ତୀ ଅବସରରେ ଘଟିଥିବା ଅଭାବନୀୟ ଘଟଣାକୁ ନେଇ କହୁଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ସହରରେ ନେତା ଜୟ ମିଶ୍ର ତାଙ୍କର ପୁରୁଣା ଅଭ୍ୟାସକୁ ଛାଡ଼ିପାରୁ ନାହାନ୍ତି। କୌଣସି ଅଘଟଣ ଘଟିଲେ ରାଜ୍ୟ ସରକାରଙ୍କୁ ବଦନାମ କରିବେ ସେ ନେଇ ଯୋଜନା କରୁଛନ୍ତି। ଆଉ ଜୟଙ୍କ ଚାଲାକି ଚଳିବନି। ସମ୍ବଲପୁରବାସୀ ଏବେ ଜୟଙ୍କ ଉଦ୍ଦେଶ୍ୟକୁ ସହଜରେ ବୁଝିଯାଉଛନ୍ତି। ଜୟଙ୍କ କଥାକୁ ଆଉ କେହି ଗ୍ରହଣ କରୁ ନାହାନ୍ତି। ଏହା କେବଳ ଚର୍ଚ୍ଚାରେ ରହିବା ପାଇଁ ବୋଲି ଲୋକମାନେ କହୁଛନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଆଳରେ ନିର୍ବାଚନ ଜିତିବା ପରେ ସମ୍ବଲପୁରରୁ ଫେରାର ହୋଇଯାଇଥିଲେ। ପୁଣି ନିର୍ବାଚନ ସମୟରେ ଆସିଛନ୍ତି। ସୂଚନାଯୋଗ୍ୟ, ଶ୍ରୀ ମିଶ୍ର ନିର୍ବାଚନ ଆଚରଣବିଧି ଭାଙ୍ଗିଥିବା ନେଇ ଅଭିଯୋଗ ହୋଇଥିଲା। ସମ୍ବଲପୁର ମହାନଗର ନିଗମ ବରେଇପାଲିରେ ଏକ କମ୍ୟୁନିଟୀ ସେଣ୍ଟରେ ନିର୍ମାଣ ପାଇଁ ଶ୍ରୀ ମିଶ୍ର ଭୂମିପୂଜା କରିଥିଲେ। ଏହି ଘଟଣାକୁ ସମାଜିକ ଗଣମାଧ୍ୟମରେ ପୋଷ୍ଟ ମଧ କରିଥିଲେ। ଘଟଣା ପ୍ରଚାର ହେବା ପରେ ଜୟନାରାୟଣ ସମାଲୋଚନାର ଶିକାର ହୋଇଥିଲେ। ବିରୋଧୀ ଦଳ ନେତା ମିଶ୍ର ପୂର୍ବରୁ ଅପରାଧିକ କାର୍ଯ୍ୟ ଆଇନକୁ ହାତକୁ ନେଇଥିଲେ। ପ୍ରଶାସନିକ କ୍ଷେତ୍ରରେ ନୁହେଁ, ଦଳୀୟ କାର୍ଯ୍ୟକ୍ରମରେ ମଧ ବିଶୃଙ୍ଖଳା କରିଥିବା ତାଙ୍କ ନାମରେ ଅଭିଯୋଗ ହୋଇଥାଏ।

### ସାହସପୁରରେ ବିଶାଳ ଆଦିବାସୀ ସମାବେଶ

# ଦୁଇଥର ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ

**ସମ୍ବଲପୁର, ୨୧।୫(ସମିସ):** ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ସାହସପୁର ଖେଳ ପଡ଼ିଆରେ ବିଶାଳ ଆଦିବାସୀ ସମାବେଶ ଅନୁଷ୍ଠିତ




ହୋଇଯାଇଛି। ଏହି ସମାବେଶରେ କିସାନ, ମିର୍ଦ୍ଧା, ଖାଡ଼ିଆ, ଓରାମ, ସହରା, ଗଣ୍ଡ, ମୁଣ୍ଡା, କନ୍ଧ ସମାଜର ହଜାର ହଜାର ମହିଳା ଏବଂ ପୁରୁଷ ଯୋଗ ଦେଇଥିଲେ। ଆଦିବାସୀ ସମନ୍ୱୟ ସମିତି ମାନେଶ୍ୱର ବ୍ଲକର କର୍ମକର୍ତ୍ତାମାନେ ସଭା ଆୟୋଜନ କରିଥିଲେ। ପୂର୍ବତନ ସରପଞ୍ଚ ତଥା ସହରା ସମାଜର ବରିଷ୍ଠ ନେତା ପର୍ଶୁରାମ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ସହ ରେଢ଼ାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାୟକଙ୍କ ପ୍ରତିନିଧି ପ୍ରକାଶ ନାଏକ, ସମ୍ବଲପୁର ଲୋକସଭା ସାଂସଦ ପ୍ରଣବ ପ୍ରକାଶ ଦାଶଙ୍କ ପ୍ରତିନିଧି ବିଷ୍ଣୁ କେଡ଼ିଆ, ଲକ୍ଷ୍ମୀପୁର ବିଧାୟକ, ସିନେ କଳାକାର ଅର୍ଚ୍ଚିତା ସାହୁ ଯୋଗ ଦେଇଥିଲେ। ସମାବେଶରେ ରାଜ୍ୟସଭା ସାଂସଦ ଶ୍ରୀ ବିଶି ପ୍ରକାଶ କରିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦ୍ୟୁତ ବିଲ ଛାଡ଼ ପାଇଁ ଘୋଷଣା କରିଥିବାରୁ ୯୦ ପ୍ରତିଶତ ପରିବାର ମାଗଣା ବିଜୁଳି ବ୍ୟବହାର କରିବେ। ବିଦ୍ୟୁତ ବିଲ ପୈଠ କରିବାରକୁ ପଡ଼ିବ ନାହିଁ। ଜଙ୍ଗଲ ଜମି ଚାଷ ବାସ କରୁଥିବା ଆଦିବାସୀ ମାନଙ୍କୁ ଜଙ୍ଗଲ ଜମିର



ପଟ୍ଟା ପ୍ରଦାନ ବ୍ୟବସ୍ଥା ପାଇଁ ସୂଚନା ଦେଇଥିଲେ। କେନ୍ଦ୍ର ସରକାର ନେଟୱାର୍କ ପାଇଁ ଗ୍ରାମାଞ୍ଚଳରେ ଟାୱାର ସ୍ଥାପନ କରିବାରେ ଅବହେଳା ଯୋଗୁଁ ଇଣ୍ଟରନେଟ ଅବ୍ୟବସ୍ଥା ବିଷୟରେ କହିଥିଲେ। ଅନୁସୂଚିତ ଜନଜାତିମାନଙ୍କ ବିକାଶ ପାଇଁ ସମ୍ବଲପୁରରେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଗଠନ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଗୋଠ ପାଟଣାରେ ଆଦିବାସୀ ଭବନ ନିର୍ମାଣ ପାଇଁ ଶହେ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ ନୁଆଁ-ଓ ସହିତ ଏସଟି ଏସସି ଷ୍ଟାଇପେଣ୍ଡ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଦିବାସୀମାନଙ୍କ ଉପରୁ ପଚାଶ ହଜାର ମକଦ୍ଦମା ଜଙ୍ଗଲ ବିଭାଗ, ଅବକାରୀ ବିଭାଗ, ପୁଲିସ ବିଭାଗ ପ୍ରତ୍ୟହାର ଘୋଷଣା ଭାରତରେ ପ୍ରଥମ ଘଟଣା ବୋଲି ସାଂସଦ କହିଥିଲେ। ଜଙ୍ଗଲଜାତ ଦ୍ରବ୍ୟ ବିକ୍ରୟ ପାଇଁ ଏମଏସପି ପ୍ରଦାନ, ୮ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ୫୦ ପ୍ରତିଶତ ବୋନସ, ଖାଦ୍ୟ ସୁରକ୍ଷା ଯୋଜନାରେ ଆହାର କେନ୍ଦ୍ର ବ୍ୟବସ୍ଥା, ସାମାଜିକ ନିରାପତ୍ତା ପାଇଁ ଭତ୍ତା ବୃଦ୍ଧି, ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ସକାଶେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବର୍ଷକୁ ମହିଳାଙ୍କ ପାଇଁ ଦଶ ଲକ୍ଷ ଏବଂ ପୁରୁଷ ମାନଙ୍କୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ମିଶନଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟକ ଦଳ ପାଇଁ ବିନା ସୁଧରେ ୧୫ ଲକ୍ଷ ଟଙ୍କା ଋଣ, କାଳିଆ ଯୋଜନା, ବଳିଆ ଯୋଜନାରେ କୃଷକ ଏବଂ ବୁଣାକାର ମାନଙ୍କୁ ପ୍ରୋତ୍ସାହନ ରାଶି ସହ ବିନା ସୁଧରେ ଋଣ, ନିର୍ମାଣ ଶ୍ରମିକ ସୁରକ୍ଷା ପାଇଁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆର୍ଥିକ ସହାୟତା, ମମତା ଯୋଜନାରେ ଗର୍ଭବତୀ ମହିଳାଙ୍କୁ ସହାୟତା, ୫ ଟି ସ୍କୁଲ କଲେଜରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା କରାଯାଇଛି। ସବୁ ଗାଁକୁ ବିଜୁଳି, ପାଣି, ପକ୍କା ରାସ୍ତା ସୁବିଧା ବିଷୟରେ ରାଜ୍ୟସଭା ସାଂସଦ ଶ୍ରୀ ବିଶି ଆଲୋକପାତ କରିଥିଲେ। ଆଦିବାସୀଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ଠାର ସହିତ କାର୍ଯ୍ୟ କରୁଛନ୍ତି। ତେଣୁ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମ୍ବଲପୁର ଲୋକସଭା ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାଶ ଏବଂ ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଭୋଟ ଦେବା ପାଇଁ ଆଦିବାସୀ ଭାଇ ଭଉଣୀ ମାନଙ୍କୁ ନିବେଦନ କରିଥିଲେ। ଶେଷରେ ଅନିତା ଓରାମ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ବଜ୍ରପାତ: ବଡଭାଇ ମୃତ, ସାନ ଗୁରୁତର

# ଭାଙ୍ଗି ପଡ଼ିଲେ ଚାଷୀ ପରିବାର

**ସମ୍ବଲପୁର/କୁଚିଣ୍ଡା,୨୧।୫(ସମିସ)** ଧମା ଥାନା ଅନ୍ତର୍ଗତ କିର୍ତ୍ତିପୁର ଗ୍ରାମର ବ୍ରଜପାତରେ ଗୋଟିଏ ଚାଷୀ ପରିବାର ସୁଖ ଛଡାଇ ନେଇଛି। ବୃଦ୍ଧ ବାପା ମାଆକୁ ଛାଡି ବଡପୁଅ ଦୟାମୟ ଷଣ୍ଢଙ୍କ (୩୦) ମୃତ୍ୟୁ ଘଟିଥିବା ବେଳେ ସାନପୁଅ ଜନ୍ମଜୟ ଗୁରୁତର ଆହତ ହୋଇ ବୁର୍ଲା ଭିମସାରରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଦୁଇ ଗୋଡ ଅଚଳ ହୋଇପଡ଼ିଥିବା ପରିବାର ବର୍ଗ କହିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ଆଜି ଗ୍ରାମରେ ଦୟାମୟଙ୍କ ଶବ ସତ୍କାର କରାଯାଇଥିଲା। ସୂଚନା ଯୋଗ୍ୟଯେ, ଗତକାଲି ରାତିରେ ଧମା ଥାନା ଅଧିନସ୍ଥ ଗୁଣ୍ଡେରପୁର ଫାଣ୍ଡି ଅନ୍ତର୍ଗତ ସର୍ଗିପାଲି-କୀର୍ତ୍ତିପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା କଡରେ ଏହି ଅଭାବନୀୟ ଘଟଣା ଘଟିଥିଲା। ଧାନ ଅମଳ କରି ଏକ ଆମ୍ବ ଗଛ ମୂଳରେ ଧାନ ଗଦା କରି ରଖିଥିଲେ। ଝଡ଼ ତୋଫାନ ଓ ବର୍ଷା ପବନ ହେବାରୁ ଧାନକୁ ରକ୍ଷା କରିବା ପାଇଁ ତାରପୋଲିନ ନେଇ ଦୁଇ ଭାଇ ଘୋଡାଉ ଥିଲେ। ଏହି ସମୟରେ ବ୍ରଜଘାତ ହୋଇଥିଲା। ଫଳରେ କୀର୍ତ୍ତି ପୁର ଗ୍ରାମର ସୁଦାମ ଷଣ୍ଢଙ୍କ ଦୁଇପୁଅ ଜନ୍ମଜୟ ଓ ଦୟାମୟଙ୍କୁ ବ୍ରଜଘାତ ଆଘାତ ଦେଇଥିଲା। ପୁଅ ଦୟାମୟ ଘଟଣା ସ୍ଥଳରେ ଟଳି ପଡ଼ିଥିଲେ। ସାନ ଭାଇ ଜନ୍ମାଜୟ ଗୁରୁତର ହୋଇଥିଲେ। ଆହତ ହୋଇ ଥିଲେ ମଧ ଭାଇ ଦୟାମୟଙ୍କୁ ବଞ୍ଚାଇବାକୁ ସାନ ଭାଇ ଜନ୍ମାଜୟ ଜୋର ଜୋର ଚିତ୍କାର କରିଥିଲେ। ଠିକ ଏହି ସମୟରେ ଗ୍ରାମର ଭାଗବତ ରଣା ନାମକ ଜଣେ ଯୁବକ ଗାଁକୁ ଯାଉଥିବା ବେଳେ ଚିତ୍କାର ଶୁଣି ତୁରନ୍ତ ଗାଁକୁ ଖବର ଦେଇଥିଲେ। ପରିବାର ଲୋକେ ଓ ଗାଁର କିଛି ବ୍ୟକ୍ତି ପହଞ୍ଚିଥିଲେ। ଦୟା ଓ ଜନ୍ମାଜୟଙ୍କୁ ଉଦ୍ଧାର କରି ଘରକୁ ଆଣିଥିଲେ। ପରେ ସମ୍ବଲପୁର ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ଦୟାମୟଙ୍କୁ ମୃତ ଘୋଷଣା କରିଥିଲେ। ସାନ ଭାଇ ଜନ୍ମାଜୟକୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରିଥିଲେ। ବଡ଼ ପୁଅର ମୃତ୍ୟୁପରେ ବୁଢା ବାପା ମା ଭାଙ୍ଗି ପଡ଼ିଛନ୍ତି। ଦାୟାମୟ ୨ ବର୍ଷର ପୁଅ ସହିତ ସ୍ତ୍ରୀକୁ ଅନାଥ କରି ଛାଡି ଚାଲି ଯାଇଛନ୍ତି। ପରିବାର ପ୍ରତି ପ୍ରଶାସନ ସମବେଦନା ଦେବା ସହ ସରକାରୀ ସହାୟତା ଯୋଗାଇ ଦେଲେ ଅତ୍ୟନ୍ତ ପକ୍ଷେ ବାପା ଛେଉଣ୍ଡ ନିଷ୍ପାପ ଶିଶୁ ବିଧବା ସ୍ତ୍ରୀର ସମାନ୍ୟ ଦୁଃଖ ଲାଘବ ହୁଅନ୍ତା ବୋଲି ଗ୍ରାମବାସୀ ଦାବି କରନ୍ତି।

# ଅସହାୟ ମାନସିକ ରୋଗୀଙ୍କୁ ଥଇଥାନ

**ରେଙ୍ଗାଲି, ୨୧।୫(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି 'ସ୍ୱାଧୀନ ଏକତା ସଂଗଠନ' ଓ 'ପରିଚୟ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଜଣେ ଅସହାୟ ମାନସିକ ରୋଗୀଙ୍କୁ ଥଇଥାନ କରାଯାଇଛି। ସୂଚନାଯୋଗ୍ୟ, ରେଙ୍ଗାଲିରେ ବୁଲୁଥିବା ୫୫ ବର୍ଷିୟା ଅସହାୟ ମାନସିକ ରୋଗୀକୁ ରେଙ୍ଗାଲି ଥାନା କର୍ତ୍ତୃପକ୍ଷଙ୍କ ନୀରିକ୍ଷଣ ତଥା ଅନୁମତି କ୍ରମେ ଉଦ୍ଧାର କରାଯାଇ ଛତିଶଗଡ଼ ରାୟଗଡ଼ ସ୍ଥିତ 'ସଦ୍‌ଗୁରୁ କୃପା ଅପ୍ନା ଘର୍' ନାମକ ଏକ ସେବାଶ୍ରମରେ ସୁନ୍ଦର ଜୀବନଯାପନ ପାଇଁ ସ୍ଥାନାନ୍ତରିତ କରାଯାଇଛି। ପ୍ରଥମେ ରୋଗୀଙ୍କୁ ଉଦ୍ଧାର କରି ସ୍ନାନ, ଭୋଜନ କରାଇ ଉଭୟ ସଂସ୍ଥାର ସଭାପତି ରାଜୀବ କୁମାର ମିଶ୍ର ଓ ସଭାପତି ବିପିନ ବିହାରୀ ପଣ୍ଡା ନେଇ ରାୟଗଡ଼ର ସେବାଶ୍ରମରେ ଥଇଥାନ କରି ଆସିଥିଲେ। ଏହି କାର୍ଯ୍ୟକ୍ରମରେ ବେଦବ୍ୟାସ ଶର୍ମା, ଗଣେଶ ମଜୁମଦାର, ଅମିତ କୁମାର ସାହୁ ଓ ରାଜେଶ କୁମାର ସାଣ୍ଡିଲ୍ୟ ସହଯୋଗ କରିଥିଲେ।



# ଦୁର୍ଘଟଣାରେ ଗୁରୁତର ବୃଦ୍ଧଙ୍କୁ ରକ୍ତଦେଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ

**ଜମନକିରା, ୨୧।୫(ସମିସ):** ଜମନକିରା ଥାନା ଅଞ୍ଚଳର ୮୦ ବର୍ଷିୟ ଗଜାଧର ସାହୁ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଅବସ୍ଥାରେ ଗତ କାଲି ଠାରୁ ଚିକିତ୍ସା ପାଇଁ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ହସପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ପବିତ୍ର ହେମ୍ବ୍ରମ ରୋଗୀଙ୍କୁ ରକ୍ତ ଦରକାର ବୋଲି କହିଥିଲେ। ଗତ କାଲି ଠାରୁ ହସପିଟାଲ ରକ୍ତଭଣ୍ଡାରରେ 'ଓଯୁକ୍ତ' ରକ୍ତ ନଥିଲା। ସେଥିପାଇଁ ତାଙ୍କ ସହାୟକ ଆବଶ୍ୟକ ରକ୍ତ ଯୋଗାଡ ହୋଇପାରୁ ନଥିବାରୁ ନିରାଶ ହୋଇପଡ଼ିଥିଲେ। ଆବଶ୍ୟକ ପଡ଼ିଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ରକ୍ତଦାନ କରୁଥିବା ରକ୍ତଭଣ୍ଡାର କର୍ମଚାରୀଙ୍କ ଠାରୁ ଖବର ପାଇଥିଲେ। ସେଠାରେ ଥିବା୧୦୮ ଆମ୍ବୁଲାନ୍ସ କର୍ମଚାରୀ ମାନଙ୍କୁ ତାଙ୍କର ରକ୍ତର ଆବଶ୍ୟକତା ବିଷୟରେ କହିଥିଲେ।ଜଣେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଠାରୁ ଖବର ପାଇ ଫାସିମାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ଥିବା ୧୦୮ ଆମ୍ବୁଲାନ୍ସର ଫାର୍ମାସୀଷ୍ଟ ସମୀର ବେହେରା ରକ୍ତଦାନ କରିବାକୁ ଆଗେଇ ଆସିଥିଲେ। ଆମ୍ବୁଲାନ୍ସ କର୍ମଚାରୀଙ୍କ ଏଭଳି ମହତ୍ କାର୍ଯ୍ୟକୁ ହସପିଟାଲ କର୍ତ୍ତୃପକ୍ଷ ଭୂୟସୀ ପ୍ରଶଂସା କରିଥିଲେ।



# ଆଦିବାସୀ ସମାବେଶରେ ନବୀନଙ୍କୁ ପ୍ରଶଂସା

**ରେଢ଼ାଖୋଲ/ଯୁଯୁମୁରା, ୨୧।୫(ସମିସ)**

ରେଢ଼ାଖୋଲବ ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁଯୁମୁରା ବ୍ଲକ ଅନ୍ତର୍ଗତ ନୂଆଁମୁଣ୍ଡା ବୁଢ଼ା ଦେଓ ପୂଜା ପୀଠରେ ମଙ୍ଗଳବାର ଦିନ ଏକ ଆଦିବାସୀ ସମ୍ପ୍ରଦାୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଆଦିବାସୀ ସମାଜର ନେତୃମଣ୍ଡଳୀ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ଆଦିବାସୀ ନେତା ଷ୍ଟାର ପ୍ରଚାରକ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ଯୋଗ ଦେଇଥିଲେ। ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସମ୍ବଲପୁର ଉପ ସଭାପତି ରୋହିତ ଭୋଇ ସଭା ପରିଚାଳନା କରିଥିବା ବେଳେ ଏଥିରେ ଗଣ୍ଡ ସମାଜ ସଭାପତି ଫକୀର ଭୋଇ, ଜିଲ୍ଲା ସଂଯୋଜକ ବିଷ୍ଣୁ ପ୍ରସାଦ କେଡିଆ, ସମାଜସେବୀ ନିହାଲ ସିଂ, କିସ୍ ଗାର୍ଡିଆନ୍ କମିଟିର ଆନନ୍ଦ ଭୋଇ ଜିଲ୍ଲା ପରିଷଦ ସଭ୍ୟ ଜୋନ ୨ ମାଧବ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ରହିଥିଲେ। ସଭାରେ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ସଂସ୍କୃତି କଳା ଓ ସ୍ଥାପତ୍ୟ ଉପରେ ଆଲୋଚନା ହୋଇଥିଲା। ଗତ ନଭେମ୍ବର ୨୦୧୭ ମସିହାରୁ ଯୁଯୁମୁରା ବ୍ଲକ ଆଇଟିଡିଏରେ ଅନ୍ତର୍ଭୁକ୍ତ କରିବାପାଇଁ ରାଜ୍ୟ ସରକାର ଠାରୁ ଯାଇଥିବା ବିଧିବଦ୍ଧ ପ୍ରସ୍ତାବ କେନ୍ଦ୍ର ସରକାର ଠାରେ ପଡ଼ିରହିଛି। ବାରମ୍ବାର ଆଦିବାସୀ ସମାଜ ପ୍ରତି କେନ୍ଦ୍ର ସରକାର ଭେଦଭାବ କରୁଥିବା ଦାଣ୍ଡ





ଦୁଆରେ ଖୋଲା ଆଲୋଚନା ହେଉଛି। ତାହା ଆଦିବାସୀ ଭୁଲି ନାହାଁନ୍ତି। ତାର ଜବାବ ଭୋଟ ମାଧ୍ୟମରେ ଦେବ। କେନ୍ଦ୍ର ବିଜେପି ସରକାର ଯେଉଁ ଭଳି ଭାବେ ଆଦିବାସୀ ମାନଙ୍କୁ ପ୍ରତାରଣା କରୁଛି, ସମ୍ବିଧାନରେ ଥିବା ଆଦିବାସୀମାନଙ୍କର ଶିକ୍ଷା, ଆର୍ଥିକ, ରାଜନୈତିକ, ସାମାଜିକ କ୍ଷେତ୍ରରେ ସୁବିଧା ସୁଯୋଗକୁ ନିର୍ମୂଳ କରିବା ଦିଗରେ ପଦକ୍ଷେପ ବିଶେଷକରି ରାଜନୈତିକ, ନିଯୁକ୍ତିରେ ଥିବା ଆରକ୍ଷଣକୁ ଉଚ୍ଛେଦ କରିବା ପ୍ରୟାସ କରୁଛି। ଅନ୍ୟ ପକ୍ଷରେ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ଆଦିବାସୀମାନେ ପ୍ରଶଂସା କରିଛନ୍ତି। ସ୍ୱତନ୍ତ୍ର ଭାବରେ ୧ କୋଟିରୁ ଉର୍ଦ୍ଧ୍ୱ ବସବାସ କରୁଥିବା ଆଦିବାସୀମାନଙ୍କର ପ୍ରତି ଉଦାର ନୀତି ଅବଲମ୍ବନ କରି ଆଦିବାସୀ ମାନଙ୍କ ଆଗାମୀ ପୀଢୀକୁ ଦେଶ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବା ବିଭିନ୍ନ ଯୋଜନା କରିଛନ୍ତି। ମହିଳା ସଶକ୍ତିକରଣ ଯୋଜନାରେ ଶିକ୍ଷା, ଆର୍ଥିକ ଯୋଗାଇ ଦେଇଛନ୍ତି। ରାଜନୈତିକ କ୍ଷେତ୍ରରେ ଆଗେଇ ନେଇଥିବା ମୁଖ୍ୟ ଭାବରେ ଆଦିବାସୀମାନଙ୍କ ପାଇଁ ପ୍ରଥମ କରି ୧୦୦ କୋଟି ଟଙ୍କାରୁ ଅଧିକ ଭୁବନେଶ୍ୱର ଠାରେ ଆଦିବାସୀ ଭବନ ଭବନ ନିର୍ମାଣ, ଜୁଲାଇ ମାସରୁ ବିଜୁଳି ଦର ଛାଡ଼ କରିବା, ଶିକ୍ଷା କ୍ଷେତ୍ରରେ ଛାତ୍ର ଛାତ୍ରୀ ମାନଙ୍କୁ ଆର୍ଥିକ ସହାୟତା ଦେଇ ଉଚ୍ଚ ଶିକ୍ଷା ପାଇଁ ପ୍ରୋତ୍ସାହିତ କରିବା ଆଦି ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।




ପଦ୍ମପୁର ନିର୍ବାଚନମଣ୍ଡଳୀ

# ନିର୍ବାଚନ ପରେ ଚାଲିଛି ଅଙ୍କକଷା

**ପଦ୍ମପୁର, ୨୧।୫ (ସମିସ):** ସରିଯାଇଛି ସାଧାରଣ ନିର୍ବାଚନ। ଇଭିଏମରେ ବନ୍ଦ ହୋଇଯାଇଛି ପ୍ରାର୍ଥୀଙ୍କ ଭାଗ୍ୟ। କିନ୍ତୁ ବିଜୟ ନେଇ ସନ୍ଦିହାନ ନେତା। ସେମାନଙ୍କ ଅଙ୍କକଷା ଛିଣ୍ଡୁନାହିଁ। ଚଳିତ ସାଧାରଣ ନିର୍ବାଚନରେ ପଦ୍ମପୁର ବିଧାନସଭା ଆସନରୁ ୫ ଜଣ

## ମତଦାତାଙ୍କ ନିରବତା ନେତାଙ୍କୁ ଦ୍ୱନ୍ଦ୍ୱରେ ପକାଇଛି

ଦଳୀୟ ପ୍ରାର୍ଥୀ ଓ ୨ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଓହ୍ଲାଇ ଥିଲେ। ମୁଖ୍ୟତଃ ତିନି ପ୍ରମୁଖ ଦଳର ପ୍ରାର୍ଥୀ ଯଥା ବିଜେଡିରୁ ବର୍ଷା ସିଂ ବରିହା, ଭାଜପାରୁ ଗୋବର୍ଦ୍ଧନ ଭୁଏ ଓ କଂଗ୍ରେସରୁ ଟଙ୍କଧର ସାହୁଙ୍କ ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦିତା ହୋଇଥିବା କୁହାଯାଉଛି। ଗତ ନିର୍ବାଚନ ଗୁଡ଼ିକ ତୁଳନାରେ ଏଥର କମ୍ ମତଦାନ ହୋଇଛି। ବିଗତ ୨୦୧୪ ଓ ୨୦୧୯ ରେ ୭୯.୧୬ ପ୍ରତିଶତ ମତଦାନ ହୋଇଥିବା ବେଳେ ଗତ ୨୦୨୨ ଉପନିର୍ବାଚନରେ ୮୧.୨୯ ପ୍ରତିଶତ ମତଦାନ ହୋଇଥିଲା। ମାତ୍ର ଚଳିତ ନିର୍ବାଚନ ରେ ୭୭.୬୯ ପ୍ରତିଶତ ମତଦାନ ହୋଇଛି। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୭୦ ହଜାର ୨୪୪ଜଣ ମତଦାତା ଥିବା ବେଳେ ପ୍ରାୟ ୬୦ ହଜାର ଭୋଟର ଭୋଟ ଦେଇନଥିବା ଜଣାଯାଇଛି। ଏଥର ୧୦ହଜାର ୯୧୮ ନୂଆଁ ମତଦାତା ଥିବା ବେଳେ ଏମାନଙ୍କ ମତଦାନ କାହା ସପକ୍ଷରେ ଯାଇଛି ତାହା ଆକଳନ କରାଯାଇ ପାରିନାହିଁ। ତେବେ ନୂତନ ମତଦାତା ନିଶ୍ଚିତ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି କୁହାଯାଉଛି। ମତଦାତାଙ୍କ ଅସ୍ୱାଭାବିକ ନିରବତା ଯୋଗୁଁ ନିର୍ବାଚନ ପରେ ନେତାମାନେ ମଧ ଦ୍ୱନ୍ଦରେ ପଡ଼ିଥିବା ଜଣାପଡୁଛି। ବିଭିନ୍ନ ସ୍ଥାନରେ ଶେଷ ମୁହୂର୍ତ୍ତରେ ବହୁ ଭୋଟର ତାଙ୍କର ନିଷ୍ପତ୍ତି ବଦଳାଇଥିବା କୁହାଯାଉଛି। ତେବେ ଆସନ୍ତା ଜୁନ ୪ ରେ ବିଭିନ୍ନ କଳ୍ପନା ଜଳ୍ପନାର ଅବସାନ ହୋଇ ଚିତ୍ର ସ୍ପଷ୍ଟ ହେବ।

# ବେଣାଚେରର ଗାଁ 'ନିଲେଶ୍ୱର'; ଖରା ଦିନରେ ରହିଛି ବେଶ୍ ଚାହିଦା

**ବରଗଡ଼, ୨୧।୫(ସମିସ)**

ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ଗରମରୁ ରକ୍ଷା ପାଇବା ପାଇଁ ଲୋକେ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ ସବୁଠି ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ପ୍ରବଳ ଗରମକୁ କିଛି ମାତ୍ରାରେ ପ୍ରତିହତ କରିବା ପାଇଁ ପ୍ରଚେଷ୍ଟା ଜାରି ରହିଥାଏ। ଏହି ଦିନରେ ପଙ୍ଖା, ହାତପଙ୍ଖା, ବାଉଁଶ ବିଞ୍ଚଣା, କୁଲର ଓ ଏସିର ଚାହିଦା ବୃଦ୍ଧି ପାଉଥିବାରୁ ଏହାକୁ ନେଇ ବିଭିନ୍ନ ସ୍ଥାନରେ ଭଲ ବ୍ୟବସାୟ ମଧ ହୋଇଥାଏ। ଘର ଦ୍ୱାରବନ୍ଧ ଓ କୁଲରରେ ବେଣାଚେରପଟି ଲଗାଇ ସେଥିରେ ପାଣି ସିଞ୍ଚନ କରି ସାମୟିକ ଭାବରେ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇ ହୁଏ। ତେଣୁ ବେଣାଚେରର ଚାହିଦା ସୁବବେଳେ ରହିଥାଏ। ବେଣାଚେରରୁ ପ୍ରସ୍ତୁତ ପରଦା ଠାରୁ ଆରମ୍ଭ କରି ବିଭିନ୍ନ ଜିନିଷର ବେଶ ଚାହିଦା ଥିବାବେଳେ ନିଲେଶ୍ୱର ଗ୍ରାମର ଲୋକେ ଏହାକୁ ତିଆରି କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ବରଗଡ଼ ସଦର ମହକୁମା ଠାରୁ ପ୍ରାୟ ୧୦ କିଲୋମିଟର ଦୂର ବିଜେପୁର ରୋଡ଼୍‌ରେ ରହିଛି ନିଲେଶ୍ୱର ଗ୍ରାମ। ଗ୍ରାମର ଜନସଂଖ୍ୟା ପ୍ରାୟ ପାଖାପାଖି ୫ ହଜାର। ଏହି ଗ୍ରାମର ଲୋକଙ୍କ କୌଳିକ ବୃତ୍ତି ହେଉଛି ବେଣାଚେର ସଂଗ୍ରହ କରି ସେଥିରେ ବିଭିନ୍ନ ପ୍ରକାର ପଟି, ପରଦା ତିଆରି କରି ବିକ୍ରି କରିବା। ପ୍ରତି ଘରେ







ପିଲା ଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତେ ଏହି ବେଣାଚେର କାମରେ ନିୟୋଜିତ ହୋଇଥାନ୍ତି। ମହିଳା ମାନେ ମଧ ବିଭିନ୍ନ କୁଲର ତଥା ଘରର କବାଟ ଝରକାରେ ଲଗାଯାଉଥିବା ବେଣାଚେର ପରଦା ତିଆରି କରିଥାନ୍ତି। ବେଣାଚେର ପରଦା ତିଆରିରେ ସେମାନେ ମୁଖ୍ୟତଃ ବାଲିରେ ହେଉଥିବା ଏକ ନିର୍ଦ୍ଦିଷ୍ଟ ଧରଣର ଘାସର ଚେର, ପ୍ଲାଷ୍ଟିକ ସୂତା ଓ ବାଉଁଶ ପାତିଆକୁ କଞ୍ଚାମାଲ ଭାବେ ବ୍ୟବହାର କରିଥାନ୍ତି। ନିଲେଶ୍ୱର ଗ୍ରାମର ଲୋକମାନେ ବେଣାଚେରକୁ ପ୍ରଥମେ ହୀରାକୁଦ ନଦୀବନ୍ଧର ବୁଡ଼ି ଅଞ୍ଚଳରୁ ସଂଗ୍ରହ କରିଥାନ୍ତି। ସେଠାରୁ ଏହି ଚେରକୁ କିଣିକି ଆଣିଲା ପରେ ତାକୁ ଭଲଭାବେ ଧୋଇ ଚେରରୁ ମାଟିକୁ ସଫା କରିଥାନ୍ତି। ଏହାପରେ ତାକୁ ଶୁଖାଇ ଛୋଟ ଛୋଟ ବାଉଁଶ ପାତିଆ ଓ ପ୍ଲାଷ୍ଟିକ ସୂତା ସାହାଯ୍ୟରେ ବାନ୍ଧି ପରଦା ତଥା ଅନ୍ୟାନ୍ୟ ଜିନଷ ପ୍ରସ୍ତୁତ କରିଥାନ୍ତି। ବିଭିନ୍ନ ସାଇଜର କୁଲରରେ ଆବଶ୍ୟକ ହେଉଥିବା ବେଣାଚେର ପଟି ପ୍ରସ୍ତୁତ କରି ତାକୁ ୧୦୦ ରୁ ୧୫୦ ଟଙ୍କାରେ ବିକ୍ରିଥାନ୍ତି। ବେପାରୀ ମାନେ ଏହି ଗ୍ରାମରୁ ବେଣାଚେର ସାମଗ୍ରୀ ନେଇ ତାକୁ ଅଧିକ ଦରରେ ଗ୍ରାହାକ ମାନଙ୍କୁ ବିକ୍ରି କରିଥାନ୍ତି। ସେହିପରି ଏମାନଙ୍କ ଠାରୁ ଘର କବାଟ ତଥା ଝରକାରେ ବ୍ୟବହୃତ ପରଦାକୁ ବେପାରୀ ମାନେ ମାତ୍ର ୨୦୦ ଟଙ୍କାରେ କିଣି ତାକୁ ବଜାରରେ ୪ ଶହ ରୁ ୫ ଶହ ଟଙ୍କା ରେ ବିକ୍ରି କରିଥାନ୍ତି। ନିଲେଶ୍ୱର ଗାଁରେ ନିର୍ମିତ ବେଣାଚେର ସାମଗ୍ରୀର ଚାହିଦା ଥିବା ବେଳେ ଏହା ସମ୍ବଲପୁର, ଝାରସୁଗୁଡା, ସୋନପୁର, ବଲାଙ୍ଗୀର, କଟକ, ଭୁବନେଶ୍ୱର, ରାଉରକେଲା ସମେତ ପଡ଼ୋଶୀ ଛତିଶଗଡ଼କୁ ବେପାରୀ ମାନେ ନେଇ ବିକ୍ରି କରି ବେଶ ଲାଭବାନ ହୋଇଥାନ୍ତି। ଅନ୍ୟ ପକ୍ଷରେ ବେଣାଚେର କାରିଗରଙ୍କୁ ସେମାନଙ୍କ ପରିଶ୍ରମର ପ୍ରକୃତ ମୂଲ୍ୟ ମିଳୁ ନଥିବାର ନିଲେଶ୍ୱର ଗାଁର ବେଣାଚେର କାରିଗରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ପ୍ରସିଦ୍ଧ ନୃସିଂହନାଥ ବୈଶାଖ ମେଳା ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ପାଇକମାଲ, ୨୧।୫(ସମିସ):** ଶ୍ରୀ ଶ୍ରୀ ନୃସିଂହନାଥ ପ୍ରସିଦ୍ଧ ବୈଶାଖ ମେଳାର ତୃତୀୟ ଦିନ ମଙ୍ଗଳବାର ସନ୍ଧ୍ୟାରେ ସାଂସ୍କୃତିକ କର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମପୁର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ କୁନାଲ ମୋତିଲାଲ ଚୌହାନ, ସମ୍ମାନିତ ଅତିଥି ମନ୍ଦିର ଟ୍ରଷ୍ଟି ତଥା ପାଇକମାଲ ବିଡିଓ ପ୍ରଫୁଲ କୁମାର ଓଦ୍ଦୁ, ମନ୍ଦିର କାର୍ଯ୍ୟନିର୍ବାହି ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଓ ବୈଶାଖମେଳା କମିଟିର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ମେଳା କମିଟିର ସଦସ୍ୟ ସୁଶାନ୍ତ ମିଶ୍ର ଉଦଘାଟନୀ ସଭାକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ମାଳେଶ୍ରୀ, ଡାଲଖାଇ, ରସରକେଲି, କରମା, ଆଦିବାସୀ ନୃତ୍ୟଗୀତରେ ଦୁଲୁକି ଉଠିଥିଲା ବସନ୍ତାଣ୍ଡ ନିକଟସ୍ଥ ବିନ୍ଧ୍ୟବାସିନୀ ମଣ୍ଡପ। ବରଗଡ଼ ଲେବିଡିର ଚଟଣୀ ମାଷ୍ଟର ଗୌରଚରଣ ସା ଓ ସାଥୀ କଳାକାର ରଞ୍ଜିତ ସାହୁଙ୍କ ନୃତ୍ୟଦଳ ବିଭିନ୍ନ ଲୋକନୃତ୍ୟ ପରିବେଷଣ କରିଥିଲେ। ସମଗ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମି ଉଠିଥିଲେ ଦର୍ଶକ। ସେହିପରି ହନୁମାନ ବାଟିକା ନିକଟସ୍ଥ ମାର୍ଜାରକେଶରୀ ମଣ୍ଡପରେ ସାରମ୍‌ସିଲି, କୁଲାଣ୍ଡି ଆଦି ମହିଳା ସଙ୍କୀର୍ତ୍ତନ ଦଳର ବୈଠକି ସମେତ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବରେ ଯଜ୍ଞମଣ୍ଡପରେ ମଧ ନୀତିରୀତି ସହିତ ଆଜି ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ ମଣ୍ଡପରେ ୧୧ଜଣ ଦକ୍ଷ ପଣ୍ଡିତଙ୍କୁ ନେଇ ବିଶ୍ୱଶାନ୍ତି ମହାଯଜ୍ଞ ପୀଠରେ ଚାଲିଛି ପୂଜା ପାଠ ସହ ହୋମ ଯଜ୍ଞ। ଆଜି ପଣ୍ଡିତ ମାନେ ୩୫୪୦୦ ନୃସିଂହବୀଜ ମନ୍ତ୍ର ଜପ ସହ ୩ଦିନ ଧରି ମୋଟ ୯୨୩୦୦ ନୃସିଂହବୀଜ ମନ୍ତ୍ର ଜପ କରିଛନ୍ତି। ଏଥିସହ ମଣ୍ଡପରେ ବ୍ରାହ୍ମଣ ପୂଜନ, ସୂର୍ଯ୍ୟ ପୂଜା, ତୋରଣ ପୂଜା, ବାସ୍ତୁ ପୂଜା ପ୍ରଭୃତି ହୋଇଥିବା ବେଳେ ୩୫୦୦ ଆହୁତି ପ୍ରଦାନ କରାଯାଇଛି ବୋଲି ପଣ୍ଡିତ ଡିଗ୍ରୀଧର ଦେବତା ଜଣାଇଛନ୍ତି।

■ ବରଗଡ଼ ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ସମ୍ପନ୍ନ

# ନିରପେକ୍ଷ ଏବଂ ତ୍ରୁଟିଶୂନ୍ୟ ପାଇଁ ଧନ୍ୟବାଦ ଜଣାଇଲେ ଜିଲ୍ଲାପାଳ

**ବରଗଡ଼, ୨୧।୫(ସମିସ):** ବରଗଡ଼ ଜିଲ୍ଲାରେ ଚଳିତ ୨୦୨୪ ସାଧାରଣ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବରେ ସମାପ୍ତ ହୋଇଛି। କୌଣସି ସ୍ଥାନରେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ପ୍ରଥମରୁ କିଛି ସ୍ଥାନରେ ଇ ଭି ଏମ୍ ମେସିନରେ ତୃଟି ଦେଖା ଯିବାରୁ ସଙ୍ଗେ ସଙ୍ଗେ ତାକୁ ଠିକ୍ କରାଯାଇଥିଲା। ସମସ୍ତ ଭୋଟର, ପୋଲିଂ କର୍ମଚାରୀଙ୍କ ସହଯୋଗରେ ଚଳିତ ୨୦୨୪ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବରେ ସମାପ୍ତ ହୋଇଥିବାରୁ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅବାଧ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ କରିବା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିଲା। ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶ ଅନୁଯାୟୀ ସମୁଦାୟ ୧୪୦ ଗୋଟି ମୋଡେଲ ମତଦାନ କେନ୍ଦ୍ର ଖୋଲିବା ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାର ସର୍ବମୋଟ ୧୩୯୭ ମତଦାନ କେନ୍ଦ୍ର ମଧ୍ୟରୁ ୮୨ ଗୋଟି ସଖି ବୁଥ୍, ୫ ଗୋଟି ଭିନ୍ନକ୍ଷମ ପରିଚାଳିତ ବୁଥ୍, ୨୫ ଗୋଟି ଯୁବକ ପରିଚାଳିତ ବୁଥ୍, ୧୪ ଗୋଟି ଇକୋ ଫ୍ରେଣ୍ଡଲି ବୁଥ୍ ଏବଂ ୧୪ ଗୋଟି ଇଥିନିକ୍ ପୁଲିଂ ଷ୍ଟେସନ୍ ରହିଥିଲା ଓ ପ୍ରତ୍ୟକ ବୁଥ୍ ରେ ଭୋଟର ସହାୟତା କେନ୍ଦ୍ର ଖୋଲିବା ସହ ପାନୀୟ ଜଳ ଏବଂ ଛାଇର ବ୍ୟବସ୍ଥା କରା ଯାଇଥିଲା ଓ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରତ୍ୟକ ବ୍ଲକ ସ୍ତରରେ ବୁଥ୍ ସ୍ତରୀୟ ଜରୁରୀକାଳୀନ ପ୍ରତିକ୍ରିୟା ଦଳ ଗଠନ କରି ସବୁବେଳେ ସତର୍କ ରହିବାକୁ ଜିଲ୍ଲାପାଳ କହିଥିଲେ। ସୁରକ୍ଷା ବ୍ୟବସ୍ଥାକୁ



ଦୃଷ୍ଟିରେ ରଖି ବୁଥ୍ ଗୁଡିକରେ ୱେବ କାଷ୍ଟିଙ୍ଗ କ୍ୟାମେରା ସଂଯୋଗ କରା ଯାଇଥିଲା ଓ ଅସୁରକ୍ଷିତ କିମ୍ବା ଗୁରୁତର ବୁଥ୍ ଗୁଡିକରେ ପାଚେରୀ କିମ୍ବା ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଥିଲା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟାଲ ଏକକାଳୀନ ସାଧାରଣ ନିର୍ବାଚନରେ ବହୁ ମାତ୍ରାରେ ଭୋଟଦେଇ ମତଦାନର ଏହି ମହାନ ପର୍ବକୁ ସଫଳ କରିବାରେ ସହଯୋଗ କରିଥିବାରୁ ସମସ୍ତ ଭୋଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପଦ୍ମପୁର ଡାକ୍ତରଖାନା ପରିଦର୍ଶନ

**ପଦ୍ମପୁର, ୨୧।୫ (ସମିସ):** ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ନିରୁପମା ଷଡ଼ଙ୍ଗୀ ଆଜି ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପରିଦର୍ଶନ କରିଥିଲେ। ଚିକିତ୍ସାଳୟରେ ପହଞ୍ଚିବା ପରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଆଶୁତୋଷ ହୋତା, ପରିଚାଳକ ଦିବ୍ୟ କିଶୋର ମେହେର ସ୍ୱାଗତ କରିଥିଲେ। ଏହା ପରେ ମୁଖ୍ୟ ଚିକିତ୍ସା ଅଧିକାରୀ ବିଭିନ୍ନ ୱାର୍ଡ଼ ବୁଲିବା ସହିତ ପରିମଳ, ପିଇବା ପାଣି ରୋଗୀ ମାନଙ୍କ ଖାଦ୍ୟ ଓ ନିରାପତ୍ତା ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ନିଦାନ କେନ୍ଦ୍ର ଔଷଧ ବିତରଣ କେନ୍ଦ୍ର ପରିଦର୍ଶନ କରିବା ସହିତ ଆବଶ୍ୟକ ଉପକରଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ମଜୁମଦାର, ଡିପିଏମ ଗିରିଜା ପ୍ରସାଦ ମିଶ୍ର, ଇପ୍‌ସିତା ପାତ୍ର, ନିରୋଜ ଦୋରା ସମେତ ରୋଗୀ କଲ୍ୟାଣ ସମିତିର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ଗାଁରେ ଭୋଟଦେଲେ ଡଙ୍ଗରମୁଣ୍ଡାବାସୀ





**ବରଗଡ଼, ୨୧।୫ (ସମିସ)**

ସ୍ୱାଧୀନତାର ୭୭ ବର୍ଷ ପରେ ନିଜ ଗାଁରେ ଭୋଟ ଦେଲେ ଡଙ୍ଗରମୁଣ୍ଡା ଗ୍ରାମବାସୀ। ନିଜ ଗାଁ ବୁଥ ନମ୍ବର ଥିଲା ୨୪୬ରେ ନିର୍ବାଚନ ପୂର୍ବରୁ ଯେତେବେଳେ ପୋଲିଂ ଅଧିକାରୀ ମାନେ ପହଞ୍ଚି ଯାଇଥିଲେ ଗ୍ରାମବାସୀ ଖୁସି ହୋଇ ଅଧିକାରୀ ମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରି ମିଠା ଖୁଆଇ ଥିଲେ। ସମସ୍ତଙ୍କୁ ଫୁଲ ମାଳ ଦେଇ ସ୍ୱାଗତ କରିଥିଲେ। ନିଜ ଗାଁରେ ଭୋଟ ଦେଇ ଏବେ ଗ୍ରାମବାସୀ ବେଶ ଖୁସି ଅଛନ୍ତି। ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡଙ୍ଗରମୁଣ୍ଡା ଗ୍ରାମବାସୀ ପ୍ରାୟ ୬ କି.ମି ଦୂର ତାଲପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସେମେଲମୁଣ୍ଡା ଗ୍ରାମକୁ ଭୋଟ ଦେବା ପାଇଁ ଯାଉଥିଲେ। ବାର୍ଦ୍ଧକ୍ୟଓ ଅସୁସ୍ଥ ଥିବା ଭୋଟର ଏତେ ଦୂରକୁ ଯିବା ସମ୍ଭବ ହେଉନଥିବାରୁ ଅନେକ ବୟସ୍କ ଲୋକ ଭୋଟ ଦେବାରୁ ବଞ୍ଚିତ ହେଉଥିଲେ। ସାଧାରଣ ଭୋଟର ମାନେ ବି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଉକ୍ତ ଗ୍ରାମରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଭୋଟର ଥିବାବେଳେ ସମାଜସେବୀ ସୁଶାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ତତ୍କାଳୀନ ପଦ୍ମପୁର ଉପ ଜିଲ୍ଲାପାଳଙ୍କୁ ଗତ ଜୁଲାଇ ୨୮ ତାରିଖରେ ଏକ ଦାବିପତ୍ର ଦେଇ ନିଜ ଗ୍ରାମରେ ଭୋଟଦାନ କେନ୍ଦ୍ର କରିବା ପାଇଁ ଅନୁରୋଧ କରିଥିଲେ। ତତ୍କାଳୀନ ଭାରପ୍ରାପ୍ତ ଉପଜିଲ୍ଲାପାଳ ସଦାକର କୁମ୍ଭାର ପ୍ରସ୍ତାବିତ ବୁଥ ପରିଦର୍ଶନ କରି ସମସ୍ତ ବ୍ୟବସ୍ଥା ଥିବାର ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଗତ ୨୪ ଅକ୍ଟୋବରରେ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ଲଲାଟ କୁମାର ଲୁହା ଡଙ୍ଗରମୁଣ୍ଡା ସ୍କୁଲରେ ପହଞ୍ଚି ବୁଥ ପରିଦର୍ଶନ କରିଥିବା ବେଳେ ସେଠାକାର ସୁରକ୍ଷା ବ୍ୟବସ୍ଥା, ପାଚେରୀ, ପିଇବା ପାଣି, ଲୋକ ଧାଡ଼ିବାନ୍ଧିବା ପାଇଁ ସ୍ଥାନ, ଛାଇର ବ୍ୟବସ୍ଥା ଓ ଅନ୍ୟାନ୍ୟ ଆନୁସଙ୍ଗିକ ଭିତ୍ତିଭୂମି ପରଖି ସନ୍ତୋଷ ପ୍ରକାଶ କରିଥିଲେ। ଏହା ସହ ଉକ୍ତ ଗ୍ରାମବାସୀ ଭୋଟ ଦେବାପାଇଁ ଯାଉଥିବା ପ୍ରାୟ ୬ କି.ମି. ଦୂରରେ ଥିବା ସେମେଲମୁଣ୍ଡା ଗ୍ରାମକୁ ନିଜ ଗାଡ଼ିରେ ଯାଇ ଦୂରତା ପରଖିଥିଲେ। ଏହି ଅବସରରେ ବୁଥ ସ୍ତରୀୟ ଅଧିକାରୀ, ସୁପରଭାଇଜର, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା ମଧ କରିଥିଲେ। ତେବେ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ନିଜ ଗାଁ ବୁଥରେ ଗ୍ରାମର ଗୌନ୍ତିଆ ଦେବରାଜ ବେହେରା ପ୍ରଥମେ ଭୋଟ ଦେଇ ସମସ୍ତ ଗ୍ରାମବାସୀଙ୍କୁ ଶାନ୍ତି ଶୃଙ୍ଖଳା ସହିତ ଭୋଟ ଦେବା ପାଇଁ ଅନୁରୋଧ କରିଥିବା ବେଳେ ନିଜ ଗ୍ରାମରେ ଗ୍ରାମବାସୀ ଭୋଟ ଦେବାର ସୁଯୋଗ ମିଳିଥିବାରୁ ସମସ୍ତେ ବେଶ୍ ଖୁସି ଥିବାର ଦେଖିବାକୁ ମିଳିଥିଲା। ଏଥିପାଇଁ ଗ୍ରାମବାସୀମାନେ ସ୍ଥାନୀୟ ସମାଜସେବୀ ସୁଶାନ୍ତ ପଣ୍ଡାଙ୍କୁ କୃତଜ୍ଞତା ଜଣାଇବା ସହ ପ୍ରଶଂସା କରିଛନ୍ତି।

● ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

# ପୋଲ ନିର୍ମାଣରେ ଅହେତୁକ ବିଳମ୍ବ

## ଚୁକ୍ତିର ଖିଲାପ, ଅଧା କାମ ହୋଇନାହିଁ

**ପଦ୍ମପୁର, ୨୧।୫ (ସମିସ):** ପଦ୍ମପୁର ଉପଖଣ୍ଡ ଛୋଟକୁଞ୍ଜାରୀରୁ ବଡ଼କୁଞ୍ଜାରୀ ଗ୍ରାମ ମଝିରେ ଯାଇଥିବା ଅଙ୍ଗନଦୀରେ ପୋଲ ନଥିବାରୁ ସର୍ବସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଲୋକମାନେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କଲାପରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଉକ୍ତ ପୋଲ ନିର୍ମାଣ ଓ ସାରମସିଲିରୁ ଛୋଟକୁଞ୍ଜାରୀ ରାସ୍ତାକୁ ଅର୍ଥ ମଞ୍ଜୁରୀ କଲେ। ଅଙ୍ଗନଦୀରେ ସୁଉଚ୍ଚ ପୋଲ ନିର୍ମାଣ ବ୍ୟୟ ଅଟକଳରେ ପ୍ରାବଧାନ ରହିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟ ଆରମ୍ଭ





ହେଲା। ୭।୯।୨୦୨୧ରେ କାର୍ଯ୍ୟାରମ୍ଭ ହୋଇ ୬।୯।୨୦୨୩ରେ ସମାପ୍ତ ହେବାକୁ ଚୁକ୍ତି ରହିଥିବା ସୂଚନା ଫଳକରୁ ଜଣାଯାଏ ।୨୭ ୯ମିଟର ଦୈର୍ଘ୍ୟ ଏହି ପୋଲ ପାଇଁ ୧୬୪୨.୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। କିନ୍ତୁ କାମରେ ମନ୍ଥରତା ଲୋକମାନଙ୍କୁ ଅତିଷ୍ଠ କରିଛି। ପୋଲ ନିର୍ମାଣର ଅଧା କାମ ମଧ ହୋଇନାହିଁ। ଚୁକ୍ତିନାମା ଅନୁଯାୟୀ ଧାର୍ଯ୍ୟ ସମୟ ସରିଯାଇଥିଲେ ସୁଦ୍ଧା ଭିତ୍ତି କାମ ସରିନାହିଁ। କାମ ଶୀଘ୍ର କରିବାକୁ ଅଞ୍ଚଳବାସୀ ବାରମ୍ବାର ଦାବି କରୁଛନ୍ତି। କିଛି ଦିନ ପରେ ବର୍ଷାଋତୁ ଆସିବ। ପୁଣି ଗୋଟିଏ ବର୍ଷ ଅପେକ୍ଷା କରିବାକୁ ହେବ ବୋଲି ଅଞ୍ଚଳବାସୀ ଚିନ୍ତା ପ୍ରକଟ କରୁଛନ୍ତି।

ବିଜୁ ଜନତା ଦଳର ଜନସମ୍ପର୍କ ଯାତ୍ରା

# ବିଜେଡିରେ ଯୋଡ଼ି ହେଉଛନ୍ତି ଶତାଧିକ ଲୋକ





ସମ୍ବଲପୁର, ୨୧।୫(ସମିସ)

ବିଜୁ ଜନତା ଦଳ ତରଫରୁ ମଙ୍ଗଳବାର ସନ୍ଧ୍ୟାରେ ସମ୍ବଲପୁର ସହରରେ ଏକ ଜନସମ୍ପର୍କ ଯାତ୍ରାର ଆୟୋଜନ କରାଯାଇଛି। ବିଜେଡି ନେତା ସିଦ୍ଧାର୍ଥ ଶାହାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ପ୍ରାର୍ଥୀ ଇଂ. ରୋହିତ ପୂଜାରୀ ସମ୍ବଲପୁର ସହରର ପଡ଼ାକୁ ପଡ଼ା, ଘରକୁ ଘର ବୁଲି ଲୋକଙ୍କୁ ଭେଟିଥିଲେ। ଜନତାଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ଜନସମ୍ପର୍କ ଯାତ୍ରା ମ୍ୟୁନିସିପାଲଟୀ ଛକରୁ ବାହାରି ଦଲେଇପଡ଼ା, ହାଟପଡ଼ା, ନନ୍ଦପଡ଼ା, ମହାନ୍ତି ପଡ଼ା, କଂସାରୀ ପଡ଼ା, ବୈଦ୍ୟନାଥ ଛକ, ବିରବାହାଲ ଛକ ଦେଇ ପରିକ୍ରମା କରିବା ପରେ ପୁଣି ମ୍ୟୁନିସିପାଲଟି ଛକରେ ପହଞ୍ଚିଥିଲା। ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟର ବାର୍ତ୍ତା ନେଇ ରୋହିତ ପୂଜାରୀ ଲୋକଙ୍କ ପାଖକୁ ପହଞ୍ଚୁଥିଲେ। ଏକ ନୂଆ ସମ୍ବଲପୁର, ସମୃଦ୍ଧ ସମ୍ବଲପୁର ଗଢିବାକୁ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ସବୁଠୁ ବଡ କଥା ହେଲା ଯେ ବିଜେଡିର ଜନସମ୍ପର୍କ ଯାତ୍ରାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଶହଶହ ଲୋକ ସ୍ୱତଃପ୍ରବୃତ୍ତ ଭାବରେ ଯୋଡି ହେଉଥିଲେ। ବିଗତ ନିର୍ବାଚନରେ ବିଜେପି ଦଳର ବିଧାୟକ ଓ



ସାଂସଦକୁ ଭୋଟ ଦେଇ ନିର୍ବାଚିତ କରି ସେମାନେ ଭୁଲ କରିଛନ୍ତି। କାରଣ ନିର୍ବାଚିତ ହେବାପରେ ସେମାନେ ଦିନେ ହେଲେବି ତାଙ୍କର ପଡ଼ାକୁ ଆସିନାହାନ୍ତି। ଅପରପକ୍ଷେ ବିଜୁ ଜନତା ଦଳର ନେତା ପ୍ରଣବ ପ୍ରକାଶ ଦାସ ସମ୍ବଲପୁରକୁ ଆସିବା ଦିନଠାରୁ ଲୋକଙ୍କ ଦୁଃଖସୁଃଖରେ ଛିଡା ହେବା। ଲୋକଙ୍କୁ ସାହାଯ୍ୟ କରିବା ଦେଖିବାକୁ ମିଳୁଛି। ଯାହାଫଳରେ ସମ୍ବଲପୁରରେ ପ୍ରଣବ ପ୍ରକାଶଙ୍କ ଲୋକପ୍ରିୟତା ବଢ଼ିବା ସହିତ ବିଜୁ ଜନତା ଦଳ ପ୍ରତି ଆସ୍ଥା ବଢୁଛି। ଚଳିତ ବର୍ଷ ଲୋକେ ବିଜୁ ଜନତା ଦଳକୁ ଏକ ବଡ ବ୍ୟବଧାନରେ ଜିତାଇବାକୁ ନଷ୍ପତ୍ତି ନେଇସାରିଛନ୍ତି। ସମ୍ବଲପୁରରେ ଏଥର ପରିବର୍ତ୍ତନର ହାୱା ବହିଲାଣି ବୋଲି ମତ ପ୍ରକାଶ ପାଇଥଲା। କାର୍ଯ୍ୟକ୍ରମ ଶେଷରେ ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଲୋକେ ନିଷ୍ପତ୍ତି ନେଇସାରିଲେଣି ପ୍ରଣବ ପ୍ରକାଶ ଓ ରୋହିତ ପୂଜାରୀଙ୍କୁ ନିର୍ବାଚିତ କରିବେ**

## ଜାତିପ୍ରାଣ ଚନ୍ଦ୍ରଶେଖରଙ୍କ ଅବଦାନର ମୂଲ୍ୟାୟନ ହୋଇନି

**କୁଲୁଥକାନୀ ନାଗରିକ କମିଟି ପକ୍ଷରୁ ଜୟନ୍ତୀ**

**୩ଜଣଙ୍କୁ ସମ୍ବର୍ଦ୍ଧନା**

**ସମ୍ବଲପୁର, ୨୧।୫(ସମିସ):** ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ, ଜାତିପ୍ରାଣ ଦେଶ ସେବକ ଚନ୍ଦ୍ରଶେଖର ବେହେରା ଭାଷା ଆନ୍ଦୋଳନ, ସମ୍ବଲପୁର ଅଞ୍ଚଳକୁ ଓଡ଼ିଶା ଡିଭିଜନରେ ମିଶ୍ରଣ, ଜାତୀୟ କଂଗ୍ରେସର ଓଡ଼ିଶା ପ୍ରାଣ ପ୍ରତିଷ୍ଠା, ସ୍ୱାଧିନତା ସଂଗ୍ରାମକୁ ସଂଗଠିତ ସହ ପ୍ରସାରିତ କରି ବହୁ ସଂଖ୍ୟାରେ ମୁକ୍ତି ସଂଗ୍ରାମୀଙ୍କୁ ଉଦବୁଦ୍ଧ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମାତ୍ର ରାଜ୍ୟ ବା ଜାତୀୟସ୍ତରରେ ଉପଯୁକ୍ତ ସମ୍ମାନ ମିଳିପାରିନାହିଁ ବୋଲି ବକ୍ତା ଓ ଅତିଥିଗଣ କ୍ଷୋଭ ପ୍ରକାଶ କରି କହିଥିଲେ।

ସମ୍ବଲପୁର କୁଲୁଥକାନୀ ନାଗରିକ କମିଟି ପକ୍ଷରୁ ଚନ୍ଦ୍ରଶେଖର ବେହେରାଙ୍କ ୧୫୧ତମ ଜୟନ୍ତୀ ପାଳନ ହୋଇଥିଲା। ସ୍ମୃତିଚାରଣ ସଭା ଓ ବରିଷ୍ଠ ନାଗରିକ ସମ୍ମାନ ଦିଆଯାଇଥିଲା। ସଭାପତି ଅବସରପ୍ରାପ୍ତ ପ୍ରଶାସକ ରାଜେନ୍ଦ୍ର ପଟ୍ଟାଙ୍କ ପୌରୋହିତ୍ୟ କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ଦାଶ ମୁଖ୍ୟ ଅତିଥି, ସାମ୍ବାଦିକ ଶଙ୍କର ବେହେରା ଓ ସାମାଜିକ ସଂଗଠକ କମଳ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଦାଶ ସମ୍ବଲପୁର ମାଟି ଉଭୟ ସଶସ୍ତ୍ର ସ୍ୱାଧିନତା ଆନ୍ଦୋଳନ ଓ ଅହିଂସା ମୁକ୍ତି ସଂଗ୍ରାମ ସାକ୍ଷୀ ଅଟେ। ଅହିଂସା ମୁକ୍ତି ସଂଗ୍ରାମ, ଭାଷା ଆନ୍ଦୋଳନ, ସମାଜ ସଂସ୍କାର, ଜାତୀୟ କଂଗ୍ରେସ ସଂଗଠନ ପ୍ରତିଷ୍ଠା କରି ସ୍ୱାଧିନତା ସଂଗ୍ରାମ ସଂଗଠିତ କରିବାରେ କର୍ଣ୍ଣଧାର ଥିଲେ ବୋଲି କହିଥିଲେ। ଶ୍ରୀ ବେହେରା ଚନ୍ଦ୍ର ଶେଖରଙ୍କ ସ୍ମୃତିଚାରଣ କରି ନାଗରିକ କମିଟୀର ପୂଜ୍ୟପୂଜା ପ୍ରୟାସକୁ ପ୍ରଶଂସା କରିଥିଲେ। ଶ୍ରୀ ପଣ୍ଡା ଏକ ଚନ୍ଦ୍ରଶେଖର ନାମା ସମ୍ବଲପୁରୀ ଗୀତି କବିତା ପାଠ କରିଥିଲେ। ଏହି ଅବସରରେ ବାଙ୍ଗାଲୁରୁ ଜୁହାର ପରିବାର ପ୍ରତିଷ୍ଠାତା ସଭ୍ୟ ସଂଗଠକ ବିଶ୍ୱଜିତ ପ୍ରଧାନ, ବରିଷ୍ଠ ନାଗରିକ କାଶୀନାଥ ପ୍ରଧାନ, ଚନ୍ଦ୍ରଶେଖରଙ୍କ ସ୍ମୃତୁଚାରଣ କରିଥିଲେ। ଏହି ଅବସରରେ ଅଞ୍ଚଳର ବିଶିଷ୍ଟ ନାଗରିକ ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମୋହନ ପୁରୋହିତ, ଉଦିତ ଚନ୍ଦ୍ର ପାଟଯୋଶୀ, କାର୍ତ୍ତକେଶ୍ୱର ମେହେରଙ୍କୁ ଉପାୟନ, ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ସମ୍ପାଦକ ଆଇନଜୀବି ଅରବିନ୍ଦ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଜୟନ୍ତୀ ସମାରୋହ କାର୍ଯ୍ୟକ୍ରମରେ କମିଟୀର ଡ. ପ୍ରଦୋଷ ଆଚାର୍ଯ୍ୟ, ବିକାଶ ପଣ୍ଡା, ଦୁଃଖୀଶ୍ୟାମ ନାୟକ, ଇନ୍ଦ୍ରମଣି ଦାଶ, ରବିନାରାୟଣ ପଣ୍ଡା, ବିପିନ ଭୋଇ, ଅରୁଣ ସିଂଦେଓ ସହଯୋଗ କରିଥିଲେ।




## ସାକ୍ଷୀପଡ଼ା ନ୍ୟୁ ବ୍ୟାଙ୍କ କଲୋନୀରେ ଟ୍ରାନ୍ସଫର୍ମର୍ ସ୍ଥାପନ

**ବୁର୍ଲା, ୨୧।୫(ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପିଡବ୍ଲୁଓଡିଏଲ୍ ଏକ ଦାୟିତ୍ୱବାନ ବିଦ୍ୟୁତ୍ ବିତରଣ କମ୍ପାନୀ ଭାବେ ସଦାସର୍ବଦା ଗ୍ରାହକଙ୍କ ସମସ୍ୟା ଏବଂ ଆବଶ୍ୟକତାକୁ ପ୍ରାଥମିକତା ପ୍ରଦାନ କରିଆସୁଛି। ସ୍ଥାନ ଅଭାବ ସତ୍ତ୍ୱେ ମଧ୍ୟ କମ୍ପାନୀ ତରଫରୁ ସାକ୍ଷୀପଡ଼ା ସ୍ଥିତ ନ୍ୟୁ ବ୍ୟାଙ୍କ କଲୋନି ବାସୀନ୍ଦାଙ୍କ ପାଇଁ ଏକ ନୂତନ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ବିଦ୍ୟୁତ୍ ଟ୍ରାନ୍ସଫରମର୍ ସଂସ୍ଥାପନ କରାଯାଇ ଉକ୍ତ ଅଞ୍ଚଳର ଲୋ-ଭୋଲ୍ଟେଜ୍ ସମସ୍ୟାକୁ ଦୂର କରାଯାଇଥିବା କମ୍ପାନି ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ ସମ୍ବଲପୁର ସହରର ସାକ୍ଷୀପଡ଼ା ସ୍ଥିତ ନ୍ୟୁ ବ୍ୟାଙ୍କ କଲୋନି ଅଞ୍ଚଳରେ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ଯୋଗୁଁ ଉପଭୋକ୍ତାମାନେ କ୍ରମାଗତ ଭାବେ ଲୋ-ଭୋଲଟେଜ୍ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତେଣୁ ଉକ୍ତ ଅଞ୍ଚଳରେ ନୂତନ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ (୫୦୦ କେ.ଭି.ଏ.) ବିଦ୍ୟୁତ୍ ଟ୍ରାନ୍ସଫର୍ମର୍ ପ୍ରତିଷ୍ଠା କରିବା ଜରୁରୀ ହୋଇ ପଡ଼ିଥିଲା। ତେବେ ନୂତନ ଟ୍ରାନ୍ସଫର୍ମର୍ ସ୍ଥାପନ କରିବା ପାଇଁ ଅତିକମରେ ୧୦୦ ବର୍ଗ ଫୁଟ୍ ଜମି ଏବଂ ୧୧ କେଭି ବିଦ୍ୟୁତ୍ ତାର ବିସ୍ତାର କରିବା ଲାଗି ଉପଯୁକ୍ତ ସ୍ଥାନର ଆବଶ୍ୟକ ରହିଥିଲା। ମାତ୍ରା ସ୍ଥାନ ଅଭାବ ଏବଂ ଅଞ୍ଚଳବାସୀନ୍ଦାଙ୍କ ଅସଯୋଗ ଯୋଗୁଁ ଏହି ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ବିଦ୍ୟୁତ୍ ଟ୍ରାନ୍ସଫରମର୍ ସଂସ୍ଥାପନ କରିବାରେ ଟିପିଡବ୍ଲୁଓଡିଏଲର ସମସ୍ତ ପ୍ରୟାସ ବିଫଳ ହୋଇଥିଲା। ପରବର୍ତ୍ତୀ ସମୟରେ ଆବଶ୍ୟକୀୟ ସ୍ଥାନ ଚିହ୍ନଟ ପାଇଁ ଟିପିଡବ୍ଲୁଓଡିଏଲ୍ କର୍ତ୍ତୃପକ୍ଷ ଜିଲ୍ଲାପାଳ ତଥା ରାଜସ୍ୱ ଅଧୀକାରୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ନୂତନ ବିଦ୍ୟୁତ୍ ଟ୍ରାନ୍ସଫରମର୍ ସଂସ୍ଥାପନ ଏବଂ ୧୧ କେ.ଭି. ବିଦ୍ୟୁତ୍ ତାରର ବିସ୍ତାର ପାଇଁ ଉପଯୁକ୍ତ ସ୍ଥାନର ଅଭାବ ଯୋଗୁଁ ଏହି କାର୍ଯ୍ୟ ଦୀର୍ଘ ଦିନ ଧରି ସମ୍ପର୍ଣ୍ଣ ହୋଇ ପାରୁନଥିଲା। ଏହିପରି ପ୍ରତିକୂଳ ପରିସ୍ଥିତ ମଧ୍ୟରେ ଟିପିଡବ୍ଲୁଓଡିଏଲର ଭୂତାପଡ଼ା ସବ-ଡିଭିଜନରେ କାର୍ଯ୍ୟରତ ଇଞ୍ଜିନିୟରମାନେ ଉକ୍ତ ଅଞ୍ଚଳରେ ଅବସ୍ଥିତ ଥିବା ୧୦୦ କେ.ଭି. ବିଦ୍ୟୁତ୍ ଟ୍ରାନ୍ସଫରମରକୁ ପରିବର୍ତ୍ତନ କରି ୨୫୦ କେ.ଭି.ଏ ଟ୍ରାନ୍ସଫର୍ମର ସଂସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥି ନିମନ୍ତେ ପାରିପାର୍ଶ୍ୱିକ କାର୍ଯ୍ୟର ଆବଶ୍ୟକତା ଥିବାରୁ ଏବଂ ବିଦ୍ୟୁତ୍ ସରବରାହକୁ ବନ୍ଦ ନକରି, ସମସ୍ତ ସୁରକ୍ଷା ନିୟମକୁ ଅନୁକରଣ କରି ସେଠାରେ ଏକ ପ୍ଲାଟଫର୍ମ ନିର୍ମାଣ କରାଯାଇଥିଲା ଏବଂ ୨୫୦ କେ.ଭି.ଏ ଟ୍ରାନ୍ସଫର୍ମରକୁ ଅବସ୍ଥାପନ କରି ଗ୍ରାହକମାନଙ୍କୁ ଦୁଇଟି ଟ୍ରାନ୍ସଫର୍ମରରେ ବିଭକ୍ତ କରାଯାଇଥିଲା। ଏହି କାର୍ଯ୍ୟ ଏକ ସ୍ୱତନ୍ତ୍ର ପରିସ୍ଥିତିରେ କମ୍ପାନୀ ତରଫରୁ ସ୍ୱତନ୍ତ୍ର ଯୋଜନା ଭାବରେ କାର୍ଯ୍ୟକାରୀ କରାଯାଇଥିଲା। ଟ୍ରାନ୍ସଫରମର ଦୁଇଟିର ଲୋଡ୍ ଦୁଇ ଭାଗରେ ବିଭକ୍ତ ହୋଇଯିବାରୁ ଗ୍ରାହକମାନଙ୍କ ଆବଶ୍ୟକତା ଅନୁଯାଇ ପୂର୍ବରୁ ଲାଗି ରହିଥିବା ଲୋ-ଭୋଲ୍ଟେଜ୍ ସମସ୍ୟାରେ ଉନ୍ନତି ଆସିଥିଲା। ଏହି ଅବସରରେ ଟିପିଡବ୍ଲୁଓଡିଏଲ ତରଫରୁ ଗ୍ରାହକମାନଙ୍କ ସହଯୋଗ ପାଇଁ ଧନ୍ୟବାଦ କୃତଜ୍ଞତା ଜଣାଇଛି।



## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ରକ୍ତଦାନ ଶିବିର

**ବୁର୍ଲା, ୨୧।୫(ସମିସ):** ଟିପିଡବ୍ଲୁଓଡିଏଲର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସ୍ଆର୍) ପକ୍ଷରୁ ମାଡୱାରୀ ଯୁବ ମଞ୍ଚ ସମ୍ବଲପୁରର ସହଯୋଗିତାରେ ଗତ ଶନିବର ଦିନ ଭୂତାପଡ଼ା ସ୍ଥିତ ସମ୍ବଲପୁର ପୂର୍ବ ବୈଦ୍ୟୁତିକ ବିଭାଗ କାର୍ଯ୍ୟାଳୟରେ ରକ୍ତ ଦାନ ଶିବିର ଆୟୋଜିତ। ଶିବିରରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ଟିପିଡବ୍ଲୁଓଡିଏଲର ଅପରେସନ୍ ଏବଂ ରକ୍ଷଣାବେକ୍ଷଣ ବିଭାଗର କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳରୁ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀମାନେ ରକ୍ତ ଦାନ କରିଥିଲେ। ଏହି ଶିବିର ମାଧ୍ୟମରେ ପାଖାପାଖି ୧୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।ପ୍ରକାଶାଥାଉ କି, ଟିପିଡବ୍ଲୁଓଡିଏଲ ଏହାର ସିଏସ୍ଆର କାର୍ଯ୍ୟକଳାପ ଅନ୍ତର୍ଗତ ତିନୋଟି ମୋବାଇଲ୍ ହେଲଥ୍ ଡିସପେନସାରି ଭ୍ୟାନ୍ ନିୟୋଜିତ କରିଛି। ଧନ୍ଦାମୂଳକ ତାଲିମ କେନ୍ଦ୍ର ଚଳାଉଛି ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମିଲେଟ୍ ଚାଷୀଙ୍କୁ ମଧ୍ୟ ସହାୟତା କରୁଛି। ଏହି ଅବସରରେ ଟିପିଡବ୍ଲୁଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଖୁସି ବ୍ୟକ୍ତ କରି କହିଛନ୍ତି ଯେ, ବର୍ଷକ ମଧ୍ୟରେ ବିଭିନ୍ନ ବିଭାଗ କାର୍ଯ୍ୟାଳୟରେ ଏହି ପ୍ରକାର ରକ୍ତ ଦାନ ଶିବିର ସଫଳତାର ଆୟୋଜନ କରିଥିବାରୁ ଆମେ ଗର୍ବିତ। ଆଗାମୀ ଦିନରେ କମ୍ପାନୀ ପକ୍ଷରୁ ସିଏସ୍ଆର୍ କାର୍ଯ୍ୟକ୍ରମକୁ ତୀବ୍ରତର କରାଯିବ ଏବଂ ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀ ସିଏସ୍ଆର୍ ବଜେଟକୁ ବୃଦ୍ଧି କରିବ।

## ବିଭିନ୍ନ ମତଦାନ କେନ୍ଦ୍ର ପରିଦର୍ଶନ ସହ ଚେକ୍ ପଏଣ୍ଟ ଯାଞ୍ଚ କଲେ ଜିଲ୍ଲାପାଳ

**ସମ୍ବଲପୁର, ୨୧।୫(ସମିସ):** ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଆଜି ବିଭିନ୍ନ ମତଦାନ କେନ୍ଦ୍ର ପରିଦର୍ଶନ କରି ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଏଥିସହ ସେ ବିଭିନ୍ନ ଚେକ୍ ପଏଣ୍ଟ ପରିଦର୍ଶନ କରିବା ସହ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁନଥିବା ନିଶ୍ଚିତ କରିଛନ୍ତି କି ନାହିଁ ତାହା ଯାଞ୍ଚ କରିଥିଲେ। ଏସ୍ଏମ୍ସି କମିଶନର ବେଦ ଭୂଷଣ ଓ ସଦର ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ଉପସ୍ଥିତ ଥିଲେ। ସେମାନେ ଦୁର୍ଗାପାଲି, ସୁନାପାଲି, ଧନକୌଡ଼ା ସମେତ ଅନେକ ସ୍ଥାନ ପରିଦର୍ଶନ କରିଥିଲେ।

## ଓଡ଼ିଶା ଗୌରବ ଚନ୍ଦ୍ରଶେଖର ବେହେରାଙ୍କ ଜୟନ୍ତୀ

**ସମ୍ବଲପୁର, ୨୧।୫(ସମିସ):** ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଓଡ଼ିଶା ଗୌରବ ମହାନ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ୧୫୧ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗ ଦେଇଥିଲେ। ଗାନ୍ଧିଜୀଙ୍କ ପୂର୍ବରୁ ଚନ୍ଦ୍ରଶେଖର ବେହେରା ଅସହଯୋଗ ଆନ୍ଦୋଳନ ପାଇଁ ନିଜ ପକ୍ଷରୁ ସରକାରଙ୍କୁ ଆହ୍ୱାନ ଦେଇଥିଲେ। ତାଙ୍କ ଦୂରଦୃଷ୍ଟି ଓ ଭାବନାଶକ୍ତି ଅତି ଉଚ୍ଚକୋଟିର ଥିଲା। ସେ ବିଭିନ୍ନ ଦୃଷ୍ଟାନ୍ତ ଦେଇ ତାଙ୍କ ଦକ୍ଷତା ଓ ସଂସ୍କାର ମୂଳକ ପ୍ରୟୋଗଶୀଳତା ସାବ୍ୟସ୍ତ କରିବା ସହ ପ୍ରକୃତ ଅର୍ଥରେ ଜଣେ ସମାଜସେବୀ ବୋଲି ଶ୍ରୀ ପାଢ଼ୀ କହିଥିଲେ। ଓଡ଼ିଶା ପ୍ରତି ତାଙ୍କ ଯେଉଁ ଅବଦାନ ରହିଛି ତାହା ରାଜ୍ୟସ୍ତରରେ ଯଥା ସମ୍ମାନ ଆଜି ପର୍ଯ୍ୟନ୍ତ ପାଇନାହିଁ। ଭୁବନେଶ୍ୱରରେ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଆମ ଅଞ୍ଚଳର ନେତୃବର୍ଗ ଲଢିବା ଉଚିତ ବୋଲି ସେ ମତ ଦେଇଥିଲେ। ମୁଖ୍ୟବକ୍ତା ଡ. ମଞ୍ଜୁଶ୍ରୀ ପ୍ରଧାନ କହିଥିଲେ ଯେ, ଚନ୍ଦ୍ରଶେଖର ବେହେରାଙ୍କ ଭଳି ମହାନ ଭାଷାପ୍ରେମୀଙ୍କ ଅବଦାନ ରହି ନଥିଲେ ଆଜି ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପାଇ ନଥାନ୍ତା। ସେ ଜଣେ ସମର୍ପିତ ସମାଜସେବୀ ହେବା ପଛରେ ତାଙ୍କ ମୌଳିକ ଗୁଣ ସହ ସମୟର ଆହ୍ୱାନ ମୁଖ୍ୟ କାରଣ ଥିଲା। ଗାନ୍ଧିଜୀଙ୍କ ନେତୃତ୍ୱରେ ଓଡ଼ିଶାକୁ ଜାତୀୟତାର ଭାବ ଆସିବା ପରେ ଯେଉଁ କେତେଜଣ ଦେଶପ୍ରେମୀ ଗାନ୍ଧିଜୀଙ୍କ ଶାନ୍ତିର ଆହ୍ୱାନକୁ ଉଚିତ ଭାବରେ ହୃଦୟଙ୍ଗମ କରି ଦେଶସେବାରେ ନିଜକୁ ନିୟୋଜିତ କରିଥିଲେ ସେମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ବେହେରାଙ୍କ ପ୍ରମୁଖ ଭୂମିକା ରହିଥିଲା। ତାଙ୍କର ଯେପରି ଯୋଗ୍ୟତା ଥିଲା ସେଥିରେ ସେ ଜାତୀୟ ସ୍ତରରେ ନେତୃତ୍ୱ ନେବାର ସାମର୍ଥ୍ୟ ରଖୁଥିଲେ କିନ୍ତୁ ସମ୍ବଲପୁର ଓ ଓଡ଼ିଶାର ବିକାଶ ସକାଶେ ହିଁ ନିଜକୁ ନିୟୋଜିତ କରିବା ନିମନ୍ତେ ମନସ୍ଥ ହୋଇଥିଲେ ବୋଲି ଡ. ପ୍ରଧାନ ମତବ୍ୟକ୍ତ କରିଥିଲେ। ସାଂସ୍କୃତିକ ସମାଜର ଚନ୍ଦ୍ରଶେଖର ବେହେରା ୧୫୦ତମ ଜନ୍ମ ବାର୍ଷିକୀ ସମିତିର ଆବାହକ ରାମାନୁଜ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସବ୍ୟସାଚୀ ମିଶ୍ର, ଦୀପକ କୁମାର ପଣ୍ଡା, ଡ. ସତ୍ୟନାରାୟଣ ଠାକୁର, ରାଜେଶ ବେହେରା, ପ୍ରଫୁଲ୍ଲ କୁମାର ହୋତା, ଗୋପାଳ ଗୁପ୍ତା ପ୍ରମୁଖ କାର୍ଯକ୍ରମରେ ସହଯୋଗ କରିଥିଲେ। ସଭା ପରେ ସାଂସ୍କୃତିକ ସମାଜର ପୂର୍ବତନ ଉପସଭାପତି କବି ନାଟ୍ୟକାର ବିନୋଦ କୁମାର ପଶାୟତଙ୍କ ଗୃହକୁ ସାଂସ୍କୃତିକ ସମାଜର ସଦସ୍ୟମାନେ ଏକ ଯାଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପ୍ରକାଶ ଥାଉକି ଆଜି ସକାଳେ ସାଂସ୍କୃତିକ ସମାଜର ଏକ ପ୍ରତିନିଧି ଦଳ ଜିଲ୍ଲାସ୍କୁଲ, କଚେରି ଓ ମ୍ୟୁନିସିପାଲିଟି ପରିସରରେ ଥିବା ଚନ୍ଦ୍ରଶେଖର ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ସମ୍ବର୍ଦ୍ଧନା



**ସମ୍ବଲପୁର, ୨୧।୫(ସମିସ):** ସମ୍ବଲପୁରୀ ନାଟକ 'ଉଖୀ'ର କଳାକାରମାନଙ୍କ ତରଫରୁ ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଉପାୟନ ପ୍ରଦାନ କରି ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବଶ୍ରୀ ଶ୍ୟାମସୁନ୍ଦର ଧର, ଚିତ୍ରସେନ ମିଶ୍ର, ଉତ୍ତମ ବେହେରା, ବିପିନବିହାରୀ ଦାସ ଏବଂ ଦ୍ୱାରିକାନାଥ ନାୟକ ପ୍ରମୁଖ ଉପସ୍ଥିତ ରହି ପଦ୍ମଶ୍ରୀ ପଶାୟତଙ୍କ ସହ ବାର୍ତ୍ତାଳାପ କରିଥିଲେ। ପ୍ରକାଶ ଥାଉ କି ୧୯୮୧ ମସିହାରେ ସୃଷ୍ଟି ସଂସ୍ଥା ତରଫରୁ ରାଉରକେଲା କଲଚରାଲ ଏକାଡେମୀରେ ଆୟୋଜିତ ଲୋକନାଟକ ମହୋତ୍ସବରେ ପ୍ରଥମ ଭାବେ ପଦ୍ମଶ୍ରୀ ପଶାୟତଙ୍କ ରଚିତ ସମ୍ବଲପୁରୀ ନାଟକ ଉଖୀ ମଞ୍ଚସ୍ଥ ହୋଇ ପୁରସ୍କୃତ ହୋଇଥିଲା। ପରେ ୧୯୮୨ରେ ସେହି ନାଟକ ସମ୍ବଲପୁର ଗଙ୍ଗାଧର ମଣ୍ଡପରେ ତିନିରାତି ଧରି ସଫଳତାର ସହ ମଞ୍ଚସ୍ଥ ହୋଇଥିଲା। ଏହି ନାଟକ ସମ୍ବଲପୁରୀ ନାଟକକୁ ଏକ ଭିନ୍ନ ମୋଡ ଦେଇଥିଲା। ଫଳରେ ପରବର୍ତ୍ତୀ କାଳରେ ନାଟ୍ୟକାରମାନେ ସମ୍ବଲପୁରୀ ନାଟକ ରଚନା କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

ସନ୍ଦେହରେ ବିବାହିତା ମହିଳାଙ୍କୁ ପ୍ରେମ, ନିଶା କାରବାର

# ଫୋନ୍ କରି ଡାକିଲେ; ଛୁରି ଭୁସି ମାରିଦେଲେ

ସମ୍ବଲପୁର, ୨୧।୫(ସମିସ)

ପୁଣି ସମ୍ବଲପୁର ସହରରେ ଗଡ଼ିଛି ମୁଣ୍ଡ। ଛୁରୀରେ ଭୁସି ସଞ୍ଜୟ ନାଏକ( ୨୨)ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଧନୁପାଲି ଥାନା ଗୌଡପଡ଼ା ହରଡାଜୋର ନଦୀପିଠରେ ନିଛାଟିଆ ସ୍ଥାନରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ସଞ୍ଜୟଙ୍କୁ ଫୋନ କରି ନଦୀ ପାଖକୁ ଡାକି ଛୁରୀ ଭୁସି ହତ୍ୟା କରିଥିଲେ। ସଂଘବଧ ଭାବେ ହତ୍ୟା କରିଥିବା ଆଲୋଚନା ହେଉଛି। ଅନ୍ୟପଟେ ହତ୍ୟକାଣ୍ଡର କାରଣ ଉପରେ ପୁଲିସ ମୁହଁ ଖୋଲୁନଥିବା ବେଳେ ପ୍ରେମ ବ୍ୟାପାରରୁ ନା ନିଶା କାରବାର ଏହି ହତ୍ୟା କରାଯାଇଛି ଚର୍ଚ୍ଚା ହେଉଛି। ମୃତକଙ୍କ ମାଆଙ୍କ ଅଭିଯୋଗ କ୍ରମେ ଧନୁପାଲି ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ଅନୁସନ୍ଧାନୀ କୁକୁର ନେଇ ତଦନ୍ତ କରିଛି। ରକ୍ତଭିଜା ମାଟି ଓ ଅନ୍ୟ ନମୂନା ସଂଗ୍ରହ କରିଛି। ସୂଚନା ଯୋଗ୍ୟଯେ, ସମ୍ବଲପୁର ଧନୁପାଲି ଥାନା ଗୌଡ଼ପଡ଼ାର ସଞ୍ଜୟ ବହୁ ଦିନରୁ ଗୁଣ୍ଡେରପୁର ଅଞ୍ଚଳର ଜଣେ ମହିଳାଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ଏ ବାବଦରେ ଉଭୟ ମହିଳା ଓ ସଞ୍ଜୟଙ୍କ ଘର ଲୋକ ଅବଗତ ମଧ୍ୟ ଥିଲେ। ମହିଳାଙ୍କୁ ପ୍ରେମ ନିବେଦନ କରିବା ସହ ସବୁବେଳେ ଫୋନ କରୁଥିଲେ। ମହିଳାଙ୍କୁ ତାଙ୍କ ପରିବାର ଲୋକେ ଅନେକ ଥର ବାରଣ ମଧ୍ୟ କରିଛନ୍ତି। ହେଲେ ସଞ୍ଜୟ ମହିଳାଙ୍କ ସହ ସମ୍ପର୍କ ରଖି ଆସୁଥିଲେ। ପୂର୍ବରୁ ମହିଳାଙ୍କ ଭାଇ ମାନେ ମାରି ଦେବାକୁ ବି ଧମକ ଦେଉଥିଲେ। କିଛି ଦିନ ତଳେ ଧମକ ଦେଇ ସଞ୍ଜୟଙ୍କୁ ମାରିବାକୁ ଖୋଜୁଥିଲେ। ଆଜି ସକାଳେ ଫୋନ କରି ଘର ପାଖ ନଦୀ ତଟରେ ଥିବା ଆମ୍ବ ବୋରେଇକୁ ଡ଼ାକିଥିଲେ। ସଞ୍ଜୟ ଯାଇଥିଲେ। କିଛି ସମୟ ପରେ ସଞ୍ଜୟଙ୍କ ମୃତ ଦେହ ପଡ଼ି ରହିଥିବା ନେଇ ପରିବାର ଜାଣି ପାରିଥିଲେ। ଘଟଣା ସ୍ଥଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲା। ଛୁରୀର କିଛି ଅଂଶ ଛାତି ଭିତରେ ରହିଯାଇଥିଲା। ଦୁର୍ବୃତ୍ତମାନେ ମୋବାଇଲକୁ ନେଇ ଯାଇଥିବା ବେଳେ ମୃତଙ୍କ ପକେଟ୍‌ରେ କିଛି ନିଶା ଦ୍ରବ୍ୟ ରଖି ଦେଇ ସେଠାରୁ ଚାଲି ଯାଇଥିଲେ। ଏହି ଘଟଣାରେ ପୁଲିସ ଜଣକୁ ସନ୍ଦେହର ଅଟକ ରଖି ପଚାରା ଉଚୁରା କରୁଥିବା ଜଣାପଡ଼ିଛି।



# ହାର ସୁନିଶ୍ଚିତ, ଧର୍ମକୁ ନେଇ ରାଜନୀତି ଭାରତୀୟ ଜନତା ପାର୍ଟିର ଏକମାତ୍ର ରାସ୍ତା: ସଞ୍ଜୟ ବାବୁ

**ସମ୍ବଲପୁର, ୨୧।୫(ସମିସ)**

ପର୍ଯ୍ୟାୟକ୍ରମେ ନିର୍ବାଚନ ସାଙ୍ଗକୁ ଓଡ଼ିଶାରେ ବିଜେପିର ପରାଜୟର ଚିତ୍ର ଧିରେଧିରେ ସ୍ପଷ୍ଟ ହେବାରେ ଲାଗିଛି। କେନ୍ଦ୍ରୀୟ ନେତାମାନେ ଦଳର କର୍ମୀମାନଙ୍କ ଉତ୍ସାହ ବୃଦ୍ଧି କରିବାକୁ ଓଡ଼ିଶାମୁହାଁ ହେଉଛନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଆଗରେ ଭାଜପା ଦଳର ସବୁ ଅଙ୍କକଷା ଫେଲ ହେଉଛି। ଫଳରେ ଦଳର ମୂଳ ଏଜେଣ୍ଡାକୁ ଧରିଛନ୍ତି ବିଜେପି ନେତୃବୃନ୍ଦ। ଓଡ଼ିଶାକୁ ଆସି ଧର୍ମ ରାଜନୀତି କରିବା ଆରମ୍ଭ କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ନାମରେ, ମା' ସମଲେଇଙ୍କ ନାମରେ ରାଜନୀତି କରୁଛନ୍ତି। ମଙ୍ଗଳବାର ଭାଜପା ଦଳର ମୁଖ୍ୟନେତା ଅମିତ ଶାହା ସମ୍ବଲପୁର ଗସ୍ତ କରି ଯେଉଁ ଭାଷଣ ଦେଲେ ସେଥିରୁ ଜଣାପଡୁଛି ଭାଜପା ନେତାମାନେ ନିଜର ପରାଜୟକୁ ଜାଣିପାରି ହତାଶ ହେଲେଣି ବୋଲି କହିଛନ୍ତି ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ମୁଖପାତ୍ର ସଞ୍ଜୟ ବାବୁ।

ଆଜି ସମ୍ବଲପୁରରେ ବିଜେପି ନେତା ଅମିତ ଶାହାଙ୍କ ଯେଉଁ କାର୍ଯ୍ୟକ୍ରମ ରହିଥିଲା ତାହା ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ବିଜେପିର ନେତାମାନେ ପ୍ରସଙ୍ଗ ନ ପାଇ କେବଳ ଓଡ଼ିଆ ଅସ୍ମିତା, ସ୍ୱାଭିମାନର ଗଳାଫଟା ଚିତ୍କାର କରୁଛନ୍ତି। ଧର୍ମକୁ ନେଇ ରାଜନୀତି କରୁଛନ୍ତି। ଓଡ଼ିଶାରେ ଆଇନର ଶାସନ ଚାଲିଛି। ଆଇନ ଅନୁସାରେ ଓଡ଼ିଶା ଚାଲେ

- ଧର୍ମକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିବାକୁ ପ୍ରୟାସ କରୁଛି ବିଜେପି
- କେନ୍ଦ୍ର ହାତରେ ସମସ୍ତ ସଂସ୍ଥା ରହିଛି, ସେମାନେ ସ୍ପଷ୍ଟ କରନ୍ତୁ ରତ୍ନଭଣ୍ଡାର ପ୍ରସଙ୍ଗରେ ତ୍ରୁଟି କେଉଁଠି ରହିଲା
- ଓଡ଼ିଶାରେ ଆଇନର ଶାସନ ଚାଲିଛି, ଆଇନ ଅନୁସାରେ କାର୍ଯ୍ୟ ହେବ
- ଅମିତ ଶାହା ଯାଇ ଦେଖନ୍ତୁ ପେଟ୍ରୋଲ, ଗ୍ୟାସର ମହଙ୍ଗା ମାଡ଼ ଗରିବ ଓ ମଧ୍ୟବିତ୍ତଙ୍କ ହାଣ୍ଡିଶାଳରେ ବାଜୁଛି

ବୋଲି ସଞ୍ଜୟ ବାବୁ କହିଛନ୍ତି। ଶାନ୍ତି, ସମୃଦ୍ଧିର କଥା କହୁଥିବା ଭାଜପା ଦଳ ତାର ଶ୍ୱେତପତ୍ରରେ ଘୋଷଣା କରୁ ଅନ୍ୟରାଜ୍ୟରେ ତାଙ୍କ ଦ୍ୱାରା ନିର୍ବାଚନୀ ହିଂସା କରାଯାଇନାହିଁ। ରାଜ୍ୟ ବାହାରୁ ନେତାମାନେ ଆସି ଓଡ଼ିଶାରେ ଦୁର୍ନୀତି ହେଉଥିବା କହୁଛନ୍ତି। କିନ୍ତୁ ସମ୍ବଲପୁର ମାଟିରେ ଛିଡାହୋଇ ସେମାନେ ବିଜୁ ଜନତା ଦଳକୁ ପ୍ରଶ୍ନ କରିବା ପୂର୍ବରୁ ତାଙ୍କ ଦଳର ସାଂସଦଙ୍କ ପାଣ୍ଠିକୁ ଯେଉଁଭଳି ଭାବରେ ଚୋରି କରାଯାଇଛି ସେ ସମ୍ପର୍କରେ କାହିଁ ପଦୁଟିଏ ତ କହିଲେନି। ତାଙ୍କର ସର୍ବୋଚ୍ଚ ନେତାଙ୍କ ଏମପି ଲାଡ ପାଣ୍ଠିକୁ ନେଇ ହୋଇଥିବା ବିରାଟ ବିଭ୍ରାଟକୁ ନେଇ ମୁହଁ ଖୋଲୁନାହାନ୍ତି। ତାହେଲେ କଣ ଏହା ଧରିନିଆଯିବ ଯେ କେନ୍ଦ୍ରର ନେତୃତ୍ୱ ସାଂସଦ ପାଣ୍ଠି ଲୁଟ କରିବାକୁ ଅନୁମତି ଦେଉଛନ୍ତି। ଆଗକୁ ମଧ ଏଭଳି ଭାବରେ ଲୋକଙ୍କ ପାଇଁ ଆସିଥିବା ଟଙ୍କାକୁ ଦଳର ନେତାମାନେ ଲୁଟିଖାଇବେ! ଓଡ଼ିଶାରେ ରହିଥିବା



ଖଣିଜ ସମ୍ପଦକୁ କିଏ ଲୁଟି ଖାଉଛି। ଏ ଠା କା ର ଖଣିଜ ସମ୍ପଦକୁ ବିନିଯୋଗ କରି ହଜାର ହଜାର କୋଟି ଟଙ୍କା ଲାଭ କଲାପରେ ପ୍ରତିବଦଳରେ ଏଠାକାର ଲୋକଙ୍କୁ ଖାଲି ଧୂଆଁ ଓ ପ୍ରଦୂଷଣ କିଏ ଦେଉଛି। ବିଜେପି ନେତୃତ୍ୱ ଅମିତ ଶାହା ଏହାର ଉତ୍ତର ରଖିବେ କି ବୋଲି ସଞ୍ଜୟ ବାବୁ ପ୍ରଶ୍ନ କରିଥିଲେ। ଯିଏ ନିଜେ ଜଣେ କୁଖ୍ୟାତ ମାଫିଆ ସେ ପୁଣି ଅନ୍ୟମାନଙ୍କୁ ମାଫିଆ ବୋଲି କହୁଛନ୍ତି। ସେହିଭଳି ରତ୍ନଭଣ୍ଡାର ପ୍ରସଙ୍ଗରେ ବିଜେପି ନେତା ମିଛ ଆରୋପ ଲଗାଇ ମାଇଲେଜ ନେବାକୁ ଚେଷ୍ଟା କରୁଛି। ବିଜେଡିର ବରିଷ୍ଠ ନେତା ତଥା ୫ଟି ଅଧ୍ୟକ୍ଷ ଶ୍ରୀ କାର୍ତ୍ତିକ ପାଣ୍ଡିଆନ ରତ୍ନଭଣ୍ଡାର ପ୍ରସଙ୍ଗରେ ଖୁବ ସୁନ୍ଦର ଉତ୍ତର ରଖିଛନ୍ତି ଯେ କେନ୍ଦ୍ର ସରକାରଙ୍କ ହାତରେ ସମସ୍ତ ସଂସ୍ଥା ରହିଛି। ଆରୋପ ଲଗାଇବା ପରିବର୍ତ୍ତେ ନିଜେ ତଦନ୍ତ କରି କେଉଁଠି ତ୍ରୁଟି ରହିଲା ତାହା ସ୍ପଷ୍ଟ କରୁନାହାନ୍ତି କାହିଁକି। ତେଲ, ଗ୍ୟାସ ପ୍ରସଙ୍ଗରେ ବାହାବା ନେଉଥିବା ନେତା କେବେ ଓଡ଼ିଶାର ଗରିବ ମଧ୍ୟବିତ୍ତଙ୍କ ଘରକୁ ଯାଇ ଦେଖନ୍ତୁ। ତାଙ୍କ ଦ୍ୱାରା କରାଯାଇଥିବା ଅହେତୁକ ଦରବୃଦ୍ଧି ହାଣ୍ଡିଶାଳରେ କେମିତି ମାଡ କରୁଛି। ବିଗତ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ତ ପୂରଣ କରିପାରିଲେନି। ଏବେ ପୁଣି ସ୍ୱପ୍ନ ଦେଖାଇବାକୁ ଆସିଛନ୍ତି। ଲୋକେ ସେମାନଙ୍କୁ ଭଲ ଭାବରେ ଚିହ୍ନିସାରିଲେଣି। ସମ୍ବଲପୁରବାସୀ ଚେତନାଶୀଳ। ଏଠାରେ ମା' ସମଲେଇ ଓ ପ୍ରଭୁ ଜଗନ୍ନାଥଙ୍କୁ ନେଇ ରାଜନୀତି ଚଳିବ ନାହିଁ। ଓଡ଼ିଶାର ଅନ୍ୟସ୍ଥାନ ଭଳି ସମ୍ବଲପୁରରେ ମଧ ଭାଜପାକୁ ଉଚିତ ଜବାବ ମିଳିବ ବୋଲି ବିଜୁ ଜନତା ଦଳର ମୁଖପାତ୍ର ସଞ୍ଜୟ ବାବୁ ପ୍ରକାଶ କରିଛନ୍ତି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ତରଭା, ୨୧।୫(ସମିସ):** ତରଭା ବଡ଼ବନ୍ଧ ଆଡିରେ ଘର କରି ରହୁଥିବା ଯୁଧିଷ୍ଠିର ନାଏକଙ୍କ ପତ୍ନୀ ଗୀତା ନାଏକ (୩୫)ଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ମଙ୍ଗଳବାର ଅପରାହ୍ନ ୪ଟାରେ ସେ ଆତ୍ମହତ୍ୟା କରିଥିବା ଖବର ପୁଲିସକୁ ସନ୍ଧ୍ୟା ୭.୪୫ରେ ଖବର ମିଳିଥିଲା। ଏସ୍ଆଇ ଲମ୍ବୋଦର ଡାଙ୍ଗ, ଏସଆଇ ମାରୁତ ଚନ୍ଦ୍ର ପଧାନ ଘଟଣା ସ୍ଥଳକୁ ଯିବାବେଳକୁ ମହିଳାଙ୍କ ଶବ ଚଟାଣରେ ପଡ଼ିଥିଲା। ମହିଳାଙ୍କ ସ୍ୱାମୀଙ୍କୁ ପୁଲିସ ପଚାରିବାରୁ ପତି ପତ୍ନୀ ମଧ୍ୟାହ୍ନ ଭୋଜନ ପରେ ଶୋଇଥିଲେ। ସେ ଉଠି ଦେଖିଲା ବେଳକୁ ପତ୍ନୀ ବେକରେ ଶାଢି ଲଗାଇ ଝୁଲୁଥିବା କହିଥିଲେ। ପୁଲିସ ଶବ ଜଗିଛି। ବୁଧବାର ସକାଳୁ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଏସ୍ଆଇ ଶ୍ରୀ ଡାଙ୍ଗ କହିଛନ୍ତି। ମୃତ ମହିଳାଙ୍କ ଏକ ଛୋଟ ଶିଶୁ ରହିଛି। ଗୀତାଙ୍କ ବାପ ଘର ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଧୁଙ୍ଗିଆପଦରକୁ ପୁଲିସ ଖବର ଦେଇଛି।

## ଗତ ନିର୍ବାଚନଠାରୁ ବଢ଼ିଲା ମତଦାନ ହାର

**ବରଗଡ଼, ୨୧।୫(ସମିସ) :** ଗତ ୨୦୧୯ ସାଧାରଣ ନିର୍ବାଚନଠାରୁ ଚଳିତ ନିର୍ବାଚନରେ ବରଗଡ଼ ଜିଲ୍ଲାରେ ମତଦାନ ହାର ବୃଦ୍ଧି ପାଇଛି। ସୋମବାର ଅନୁଷ୍ଠିତ ନିର୍ବାଚନରେ ଜିଲ୍ଲାର ବରଗଡ଼ ନିର୍ବାଚନ ମଣ୍ଡଳୀରେ ୭୬.୪୯ ପ୍ରତିଶତ ମତଦାନ ହୋଇଛି। ସେହିପରି ଅତାବିରା ନିର୍ବାଚନ ମଣ୍ଡଳୀରେ ୭୯.୮୩ ପ୍ରତିଶତ, ପଦ୍ମପୁରରେ ୭୭.୬୯ ପ୍ରତିଶତ, ଭଟଲିରେ ୮୪.୧୧ ପ୍ରତିଶତ ଏବଂ ବିଜେପୁରରେ ୮୦.୬୮ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ବରଗଡ଼ ଜିଲ୍ଲାରେ ଭୋଟରଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା।

## ପ୍ରମାଣ ଅଭାବରୁ ପୂର୍ବତନ ଏଏସ୍ଆଇ ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା,୨୧।୫(ସମିସ):** ନୂଆପଡା ଜିଲ୍ଲା ସିନାପାଲି ଥାନାର ପୂର୍ବତନ ଏଏସ୍ଆଇ କୃଷ୍ଣ ବଲ୍ଲଭ ଶବର ଏକ ଲାଞ୍ଚ ମାମଲାରେ ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଭବାନୀପାଟଣାସ୍ଥିତ ସ୍ୱତନ୍ତ୍ର ବିଚାରପତି ଭିଜିଲାସନ୍ସ ଶୀତିକଣ୍ଠ ସାମଲ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ନୂଆପଡା ଜିଲ୍ଲା ସିନାପାଲି ଥାନା ଏଏସ୍ଆଇଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତ ୨୦୧୯ ଫେବୃଆରୀ ୩ ତାରିଖରେ ପୁଷ୍ତମ ଛତ୍ରିଆ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ଏକ କେସ ରୁଜୁ ହୋଇଥିଲା। ଉକ୍ତ କେସକୁ ରଫାଦଫା। କରିବା ପାଇଁ ୭୦୦୦ ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ କରି କୋରାପୁଟ ଭିଜିଲାନ୍ସ ଏସପିଙ୍କ ପାଖରେ କେସ ନଂ -୩/୨୪ ରୁଜୁ ହୋଇଥିଲା ଏବଂ ଭିଜିଲାନ୍ସ ପକ୍ଷରୁ ଶ୍ରୀ ଶବର ଗିରଫ ହୋଇଥିଲେ। ଉକ୍ତ ମାମଲାରେ ଏଏସ୍ଆଇଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ସା ପରିଚାଳନା କରୁଥିଲେ।

## ହାଇୱା-ବାଇକ୍ ଧକ୍କାରେ ଜଣେ ଗୁରୁତର

**କେସିଙ୍ଗା, ୨୧।୫(ସମିସ):** କେସିଙ୍ଗା ଥାନା ଖଜୁରୀପଡ଼ା ନିକଟରେ ଏକ ହାଇୱା ମଙ୍ଗଳବାର ରାତି ୧୦ଟାରେ ରାସ୍ତା କଡ଼ରେ ଛିଡା ହୋଇଥିବା ଏକ ବାଇକକୁ ଧକ୍କା ଦେଇଛି। ଏହା ଫଳରେ ଜଣେ ଗୁରୁତର ଓ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ସାମାନ୍ୟ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ କେସିଙ୍ଗା ହସ୍ପିଟାଲକୁ ଚିକିତ୍ସା ପାଇଁ ଅଣାଯାଇଛି। ଗୁରୁତରଙ୍କୁ ଭବାନୀପାଟଣା ହସ୍ପିଟାଲକୁ ପଠାଯାଇଛି। ତେବେ ଏ ଦୁହିଁଙ୍କ ପରିଚୟ ମିଳିପାରିନି।

## ନର୍ସିଂ ପରୀକ୍ଷାରେ ମାହେଶ୍ୱରୀ କଲେଜର ସଫଳତା

**ବରଗଡ଼, ୨୧।୫(ସମିସ):** ନିକଟରେ ପ୍ରକାଶିତ ବିଏସସି ନର୍ସିଂ ପରୀକ୍ଷାର ଚତୁର୍ଥ ସେମିଷ୍ଟାର ଫଳାଫଳରେ ସ୍ଥାନୀୟ ମାହେଶ୍ୱରୀ ନର୍ସିଂ କଲେଜର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି କଲେଜର ଛାତ୍ରୀ ଜୟା ମୁନା ୧୦ ଏସଜିପିଏ ମାର୍କ ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ବେଳେ ଅନ୍ୟ ୧୬ ଜଣ ଛାତ୍ରଛାତ୍ରୀ ମଧ ୯ ଏସଜିପିଏରୁ ଅଧିକ ମାର୍କ ରଖିଛନ୍ତି।। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମାହେଶ୍ୱରୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ଅଧିନରେ ଥିବା ରାଉରକେଲା ସିନିୟର ନର୍ସିଂ କଲେଜର ୪ ଜଣ ଛାତ୍ରଛାତ୍ରୀ ୧୦ ସିଜିପିଏରୁ ଅଧିକ ମାର୍କ ରଖିଛନ୍ତି। ଛାତ୍ରଛାତ୍ରୀମାନଙ୍କ ସଫଳତା ପାଇଁ କଲେଜର ଚେୟାରମେନ ଫକୀର କର୍ଣ୍ଣ, ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ଓ ଅଧ୍ୟକ୍ଷା ସୁନିତା ବାଗ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ଏଇଏମ୍ ସ୍କୁଲରେ ଗ୍ରୀଷ୍ମକାଳୀନ ଶିବିର ଉଦଯାପିତ ୧୯

**ବରଗଡ଼, ୨୧।୫(ସମିସ) :** ବରଗଡ଼ ଏଇଏମ୍ ସ୍କୁଲରେ ଦୁଇ ସପ୍ତାହ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଆୟୋଜିତ ସଭାକୁ ସ୍କୁଲର ଚେୟାରମେନ ଯଶବୀର ସିଂ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପତିତପାବନ ସାହୁ ଓ ଆର୍ନ୍ତଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେବା ସହ ପୁରସ୍କାର ବିତରଣ କରିଥିଲେ। ଏହି ଶିବିରରେ ଛାତ୍ରଛାତ୍ରୀମାନଙ୍କୁ ନୃତ୍ୟ, ଆବାକସ, କରାଟେ, ଚିତ୍ରକଳା ସମେତ ବିଭିନ୍ନ ବିଷୟରେ ଅଭିଜ୍ଞ ପ୍ରଶିକ୍ଷକମାନେ ଶିକ୍ଷାଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ତଥା ଟ୍ରଷ୍ଟି ପ୍ରଦୀପ ମିଶ୍ର ଓ ମନୋରଞ୍ଜନ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

**ହରିଶଙ୍କର ସପ୍ତଧାର ପାହାଡ଼ରୁ ଖସି ପଡ଼ିଥିବା ବ୍ୟକ୍ତି ଉଦ୍ଧାର**

## ୧୪ ଘଣ୍ଟା ଅକ୍ଳାନ୍ତ ଉଦ୍ୟମ ପରେ ସୁରକ୍ଷିତ ଉଦ୍ଧାର

**ପାଇକମାଳ, ୨୧।୫ (ସମିସ):** ନୃସିଂହନାଥ ବୈଶାଖ ମେଳା ଦେଖିବାକୁ ଆସୁଥିବା ବେଳେ ସପ୍ତଧାର ପାହାଡ଼ରେ ଫସି ରହିଥିବା ଜନୈକ ବ୍ୟକ୍ତିକୁ ୧୪ ଘଣ୍ଟା ପରେ ଉଦ୍ଧାର କରାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ଛତିଶଗଡ଼ ରାଜ୍ୟ ସାରଙ୍ଗଗଡ଼ ଜିଲ୍ଲା ଚିଖିଲ ଗ୍ରାମର ଦଶରଥ ପଟେଲ (୫୬) ତାଙ୍କ ସାଥିମାନଙ୍କ ସହିତ ହରିଶଙ୍କରରୁ ପାହାଡ଼ ରାସ୍ତାରେ ନୃସିଂହନାଥ ଆସୁଥିଲେ। ସେମାନେ ସୋମବାର ରାତି ୧୧ ଟା ସମୟରେ ପାଡାଡ଼ ଦେଇ ଆସୁଥିବା ବେଳେ ସପ୍ତଧାର ନିକଟରେ ଦଶରଥଙ୍କ ଗୋଡ଼ ଖସିଯିବାରୁ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ସ୍ତ୍ରୀ ଓ ସାଥିରେ ଥିବା ଲୋକମାନେ ବହୁ ସମୟ ଧରି ଚେଷ୍ଟା କରିଥିଲେ ମଧ ତାଙ୍କୁ ଉଦ୍ଧାର କରିପାରି ନଥିଲେ। ରାତିର ଅନ୍ଧାର ମଧ୍ୟରେ ଭଲ ଭାବରେ ଦେଖାଯାଉ ନଥିବାରୁ ତାଙ୍କୁ ପରିବାର ଓ ସାଥି କେହି ଉଦ୍ଧାର କରି ପାରିନଥିଲେ। ଫଳରେ ସେମାନେ ନିରାଶ ହୋଇ ସେଠାରୁ ଫେରି ଆସିଥିଲେ। ଆସିବା ପରେ ସେମାନେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କୁ ଭେଟି ସମସ୍ତ ବିଷୟ ଜଣାଇଥିଲେ। ଘଟଣା ସମ୍ପର୍କରେ ଶୁଣିବା ପରେ ମନ୍ଦିର କର୍ତ୍ତୃପକ୍ଷଙ୍କ ଉଦ୍ୟମ ପରେ ସଙ୍ଗେ ସଙ୍ଗେ ମନ୍ଦିର ସେବାୟତ ଜ୍ୟାକି ସରାଫ, ଦିଲ୍ଲିପ ପ୍ରଧାନ, ମୋହନ ଜଗତ, ନୃସିଂହନାଥ ଆମ୍ବୁଲାନ୍ସ ଡ୍ରାଇଭର ଆନନ୍ଦ ବଲି, ପାଇକମାଳ ଦମକଳ କେନ୍ଦ୍ରର ଭରତ ସିଂ, ଜୟଦେବ ପଟେଲ, ସାଗର ରାଉତ, ରାଧାକାନ୍ତ ବାଗ, ବିହାରିଲାଲ ବାଗ ଓ ଭିଏସଏସ ଡିଫେନ୍ସ ଟ୍ରେନିଂର ୩ ଜଣ ସ୍ୱେଚ୍ଛାସେବୀ ଘଟଣା ସ୍ଥଳରେ ସକାଳ ୮ଟା ରୁ ଦିନ ୧ଟା ପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ କରିବା ପରେ ଉକ୍ତ ବ୍ୟକ୍ତିଙ୍କ ସନ୍ଧାନ ପାଇଥିଲେ ଓ ତାଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ଉଦ୍ଧାରକାରୀ ଦଳ ସପ୍ତଧାରାରୁ କପିଳଧାର ୩ କି.ମି ଦୂର ପାହାଡ଼ି ରାସ୍ତାରେ ଉକ୍ତ ବ୍ୟକ୍ତିଙ୍କୁ କାନ୍ଧରେ ଓ ଷ୍ଟେଚରରେ ବୋହି ଆଣିବାରେ ସଫଳ ହୋଇଥିଲେ। କପିଳଧାରରୁ ପ୍ରଥମେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ମେଳା ପରିସରରେ ଥିବା ପାଇକମାଳ ସରକାରୀ ଚିକିତ୍ସାଳୟ କ୍ୟାମ୍ପରେ ପ୍ରାଥମିକ ଚିକିତ୍ସା ପରେ ଆମ୍ବୁଲାନ୍ସରେ ପଦ୍ମପୁରକୁ ଡାକ୍ତରଖାନାକୁ ପଠାଯାଇଥିଲା।





## ୨୩ରେ କିରାସିରା, ମହେଶ୍ୱରପିଣ୍ଡାରେ ସାନି ମତଦାନ

**ବୌଦ୍ଧ, ୨୧।୫(ସମିସ):** କଣ୍ଡାମାଳ ନିର୍ବାଚନମଣ୍ଡଳୀର ବୁଥ୍ ନଂ ୨୬ କିରାସିରା ଏବଂ ୨୮ ମହେଶ୍ୱରପିଣ୍ଡାରେ ଗୁରୁବାର ସାନି ମତଦାନ ହେବ। ସକାଳ ୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ସୋମବାର ଏହି ୨ଟି ବୁଥ୍‌ରେ ହିଂସା ଯୋଗୁଁ ପୋଲିଂ ବନ୍ଦ ହୋଇଥିଲା। ୱେବ୍‌କାଷ୍ଟିଂ ବେଳେ କିଛି ସନ୍ଦିଗ୍ଧ ସିସିଟିଭି ଅନ୍ୟ ଦିଗକୁ ବୁଲାଇ ଦେଇଥିବା ସାମ୍ନାକୁ ଆସିଥିଲା। ଏହାପରେ ସଙ୍ଗେ ସଙ୍ଗେ ଏହି ଦୁଇଟି ବୁଥ୍‌ରେ ମତଦାନ ବନ୍ଦ କରାଯାଇଥିଲା।

## ମାଟିଗୁଣ୍ଡ ଓ ଧୂଳିରେ ଅତିଷ୍ଠ ସହରବାସୀ

**କେସିଙ୍ଗା, ୨୧।୫ (ସମିସ):** ପ୍ରବଳ ବିରୋଧ ସତ୍ତ୍ୱେ ଆଗେଇ ଚାଲିଛି କେସିଙ୍ଗା ବାଏପାସ ରାସ୍ତା ଓ ଆରଓବି କାମ। ଜୋର୍‌ସୋର୍‌ରେ କାମ ଚାଲିଥିବା ବେଳେ ଦିନରାତି ଟନ ଟନ୍ ମାଟି ହାଇୱା ମାଧ୍ୟମରେ ଯାଉଥିବାରୁ ରାସ୍ତାରେ ମାଟି ଓ ଧୂଳିଗୁଣ୍ଡ ପଡୁଥିବାରୁ ସହରବାସୀ ଅତିଷ୍ଠ ହୋଇଗଲେଣି। କେସିଙ୍ଗା ସହରର ୨୬ନଂ ଜାତୀୟ ରାଜପଥ କଡ଼ରେ ଥିବା ହୋଟେଲ, ଜଳଖିଆ ଦୋକାନ, ଖାଦ୍ୟ ଠେଲା ଅଧିକ ପରିମାଣରେ ରହିଛି। ରାସ୍ତାର ଯେତେ ସବୁ ଧୂଳି ଖାଦ୍ୟ ସାମଗ୍ରୀ ଉପରେ ପଡ଼ି ବିଷାକ୍ତ ହେଉଛି। କଚ୍ଚା ରାସ୍ତାରେ ହାଇୱା ଯାଇ ରାସ୍ତା ଧୂଳି ହୋଇ ଗୁଣ୍ଡ ସବୁ ଉଡୁଥିଲେ ମଧ ଠିକା ସଂସ୍ଥା ପାଣି ଛିଞ୍ଚୁ ନ ଥିବା ଅଭିଯୋଗ ହେଉଛି। ରାସ୍ତା କଡ଼ରେ ଡାକ୍ତରଖାନା,

**ଠିକା ସଂସ୍ଥାର ମନମାନୀ**

ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ଥିବାରୁ ଦିନବେଳା ହାଇୱାରେ ମାଟି ନ ନେଇ ରାତି ସମୟରେ ମାଟି ନେବା ସହ ରାସ୍ତା ଉପରେ ପାଣି ସିଞ୍ଚନ କରିବା ପାଇଁ ସାଧାରଣରେ ଦାବି ହେଉଛି।



## ଜଗା ଦର୍ଶନ ପାଇଁ ଛତିଶଗଡ଼ରୁ ପୁରୀ ପଦଯାତ୍ରା

**ବାଉଁଶୁଣି, ୨୧।୫(ସମିସ):** ଦୃଢ଼ ଇଚ୍ଛା ଶକ୍ତି ଓ ମନୋବଳ ଆଗରେ ହାର ମାନିଛି ଖରା, ବର୍ଷା। ଜଗନ୍ନାଥ ପ୍ରେମର ଭକ୍ତି ନେଇ ଛତିଶଗଡ଼ରୁ ଜଗନ୍ନାଥ ଧାମ ପୁରୀ ଅଭିମୁଖେ ବାହାରିଛନ୍ତି ବାବା ବାବା ସତ୍ୟେନ୍ଦ୍ର ଶୁକ୍ଲା। ମେ ମାସ ୧୦ରୁ ବାବା ସାତ୍ୟେନ୍ଦ୍ର ଶୁକ୍ଲା ଛତିଶଗଡ଼ ବଲଦା ବଜାରରୁ ବାହାରି ଜଗନ୍ନାଥ ଧାମ ପୁରୀ ଅଭିମୁଖେ ପଦଯାତ୍ରାରେ ଯାଉଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ବାଉଁଶୁଣି ଜମଟାଙ୍ଗିରେ ପହଞ୍ଚିଛନ୍ତି। ପୁରୀ ପହଞ୍ଚିବା ପାଇଁ ଆଉ ୧୨ ଦିନ ଲାଗିପାରେ। ଏହା ତାଙ୍କର ଜଗନ୍ନାଥ ଧାମକୁ ତୃତୀୟ ଥର ପଦଯାତ୍ରା ବୋଲି ପ୍ରକାଶ କରିଛନ୍ତି।



**ମତଦାତାଙ୍କୁ ଡରାଇ ପାରିଲାନି ଖରା**

# ପ୍ରବଳ ଗରମ ସତ୍ତ୍ୱେ ଉତ୍ସାହଜନକ ମତଦାନ

**ସୋନପୁର, ୨୧।୫(ସମିସ)**

ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରବଳ ଗରମ ସତ୍ତ୍ୱେ ଉତ୍ସାହଜନକ ମତଦାନ ହୋଇଛି। ଶାନ୍ତିଶୃଙ୍ଖଳାର ସହ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୩୧୯ ଏବଂ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୬୭ ମତଦାନ କେନ୍ଦ୍ରରେ ମତଦାତା ଭୋଟ ଦେଇଛନ୍ତି। ତେବେ ମତଦାତାଙ୍କ ଉତ୍ସାହ ଆଗରେ ଖରା ବି ହାର ମାନିଛି।

ପ୍ରବଳ ଖରା ହେଉଥିବାରୁ ବହୁ ମତଦାତା ମୁହଁରେ ଗାମୁଛା ବାନ୍ଧି କିମ୍ବା ଛତା ଧରି ଭୋଟ ଦେବା ପାଇଁ ଆସିଥିଲେ। ତେବେ ପ୍ରଶାସନ ପକ୍ଷରୁ ମତଦାନ କେନ୍ଦ୍ର ସମ୍ମୁଖରେ ମଧ ଚାନ୍ଦୁଆ ଲଗାଇ ଛାଇ ଏବଂ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ବିନିକାର କର୍ତ୍ତଙ୍ଗ ଭଳି କିଛି ମତଦାନ କେନ୍ଦ୍ରରେ ଏତେ ଗହଳି ଥିଲା ଯେ ରାତି ୯ଟା ଯାଏଁ ଲୋକ ଭୋଟ ଦେଇଥିଲେ।

ସୋମବାର ସୋନପୁରରେ ତାପମାତ୍ରା ୩୮.୫ ଡିଗ୍ରୀ ରହିଥିଲା। ସକାଳ ୯ଟାରୁ ପ୍ରବଳ ଖରା ଆରମ୍ଭ ହୋଇ ଯାଇଥିଲା। ଗରମ ଏବଂ ଗୁଳୁଗୁଳି ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ ଲାଗି ଯାଉଥିଲା। ତେବେ ଏହି ଖରା ମତଦାତାଙ୍କୁ ଡରାଇ ପାରି ନ ଥିଲା। ସୁବର୍ଣ୍ଣପୁର ଜିଲ୍ଲାରେ ଉତ୍ସାହଜନକ ମତଦାନ ହୋଇଛି। ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୮୩.୨୧ ପ୍ରତିଶତ ଏବଂ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୮୧.୬୮ ପ୍ରତିଶତ ମତଦାନ ହୋଇଥିବା ରେକର୍ଡ କରାଯାଇଛି।



ସୂଚନାଯୋଗ୍ୟ, ସୋନପୁର ବିଧାନସଭା କ୍ଷେତ୍ରରେ ମୋଟ ୨ ଲକ୍ଷ ୧୨ ହଜାର ୯୦୬ ଜଣ ମତଦାତା ଭୋଟ ଦେଇଛନ୍ତି। ଏମାନଙ୍କ ମଧ୍ୟରେ ୧ ଲକ୍ଷ ୮ ହଜାର ୧୨୦ ଜଣ ପୁରୁଷ ଏବଂ ୧ ଲକ୍ଷ ୪ ହଜାର ୭୮୬ ଜଣ ମହିଳା ଅଛନ୍ତି। ସେହିପରି ବୀରମହାରାଜପୁର ବିଧାନସଭା କ୍ଷେତ୍ରରେ ୧ ଲକ୍ଷ ୭୬ ହଜାର ୩୮୧ ଜଣ ଜଣ ଭୋଟ ଦେଇଛନ୍ତି। ଏମାନଙ୍କ ମଧ୍ୟରେ ୯୧ ହଜାର ୭୯୧ ଜଣ ପୁରୁଷ ଥିବା ବେଳେ ୮୪ ହଜାର ୫୯୦ ଜଣ ମହିଳା ଅଛନ୍ତି।

- ୨୩୫ ଭୋଟରରୁ ଜଣେ ବି ଭୋଟ୍ ଦେଲେନି

## ମାତାଗାଡୁରୁ ନିରାଶ ହୋଇ ଫେରିଲେ ପୋଲିଂ କର୍ମଚାରୀ

**ଶଗଡ଼ା, ୨୧।୫(ସମିସ):** ବୌଦ୍ଧ ଜିଲ୍ଲା ବୌଦ୍ଧ ବ୍ଲକ ଗୁନ୍ଦୁଲିଆ ପଞ୍ଚାୟତର ମାଓବାଦୀ ପ୍ରବଣ ତଥା ଦୁର୍ଗମ ଅଞ୍ଚଳ ମାତାଗାଡୁରେ ଗ୍ରାମବାସୀ ଭୋଟ୍ ବର୍ଜନ କରିଛନ୍ତି। ଏଣୁ ପୋଲିଂ କର୍ମଚାରୀ ନିରାଶ ହୋଇ ଫେରିଛନ୍ତି। ଏହି ଗ୍ରାମରେ ଅନେକ ସମସ୍ୟା ରହିଛି। ବର୍ଷ ବର୍ଷ ଧରି ପ୍ରଶାସନ ଗାଁକୁ ଅଣଦେଖା କରି ଆସୁଛି। ଏଣୁ ଗ୍ରାମବାସୀ ଏଥର ଭୋଟ୍ ଦେଇ ନାହାନ୍ତି। ରବିବାର ସନ୍ଧ୍ୟାରେ ପୋଲିଂ କର୍ମଚାରୀ ଗାଁରେ ପହଞ୍ଚିଥିଲେ। ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା; ହେଲେ ସମୟ ଅତିକ୍ରାନ୍ତ କରିବା ପରେ ମଧ ୨୩୫ଜଣ ଭୋଟର ମଧ୍ୟରୁ ଜଣେ ବି ମତଦାନ କରି ନ ଥିଲେ। ଶେଷରେ ପ୍ରଶାସନ ମତଦାତାଙ୍କୁ ବୁଝାଇବା ପାଇଁ ବହୁ ଉଦ୍ୟମ କରିଥିଲ୍ ହେଲେ ବିଫଳ ହେବାରୁ ପୋଲିଂ ପାର୍ଟି ନିରାଶ ହୋଇ ଫେରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବାରମ୍ବାର ସେମାନଙ୍କୁ ବୁଝାଇଥିଲେ ସୁଦ୍ଧା ଲୋକେ ଭୋଟ ଦେବାକୁ ମନା କରିଥିଲେ। ଜିଲ୍ଲାପାଳ ଜେ. ସୋନାଲ କହିଛନ୍ତି ଯେ, ପୂର୍ବରୁ ବାରମ୍ବାର ଗ୍ରାମବାସୀଙ୍କ ସମସ୍ୟା ସହିତ ବିଶେଷ ଭାବରେ ରାସ୍ତା ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଛି। ଏହାର ସମାଧାନ ପାଇଁ ପ୍ରକ୍ରିୟା ମଧ ଆରମ୍ଭ କରାଯାଇଛି। ନିର୍ବାଚନ ଆଚରଣବିଧି ଲାଗୁ ଥିବାରୁ ନିର୍ବାଚନ ପରେ ରାସ୍ତା ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ କରାଯିବ।

ସକାଳ
THE SAKALA



# ବେଦାନ୍ତ ଆଲୁମିନିୟମ ସିଇଓ ଅନ୍ତର୍ଜାତୀୟ ଆଲୁମିନିୟମ୍ ପ୍ରତିଷ୍ଠାନର ଉପାଧ୍ୟକ୍ଷ

**ଝାରସୁଗୁଡ଼ା, ୨୧।୫(ସମିସ)**

ଭାରତର ସର୍ବ ବୃହତ ଆଲୁମିନିୟମର ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ସିଇଓ ଜନ୍ ସ୍ଲାଭେନଙ୍କୁ ଅନ୍ତର୍ଜାତୀୟ ଆଲୁମିନିୟମ ପ୍ରତିଷ୍ଠାନ (ଆଇଏଆଇ)ର ଉପାଧ୍ୟକ୍ଷ ଭାବରେ ନିଯୁକ୍ତି ଘୋଷଣା କରିଛି। ଏହି କ୍ଷମତାରେ ଶ୍ରୀ ସ୍ଲାଭେନ୍ ଆଲୁମିନିୟମ୍ ଶିଳ୍ପର ସ୍ଥାୟୀ ରୂପାନ୍ତରଣକୁ ବୃଦ୍ଧି କରିବା ତଥା ଜିରୋ କାର୍ବନ୍ ଆଧୁନିକ ଦୁନିଆରେ ଶକ୍ତି ପରିବର୍ତ୍ତନକୁ ସକ୍ଷମ କରିବାରେ ଆଲୁମିନିୟମର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପଗୁଡ଼ିକର ନେତୃତ୍ୱ ନେବେ। ୧୯୭୨ରେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଆଲୁମିନିୟମ ପ୍ରତିଷ୍ଠାନ (ଆଇଏଆଇ) ହେଉଛି ଏକମାତ୍ର ସଂଗଠନ ଯାହାକି ବିଶ୍ୱବ୍ୟାପୀ ପ୍ରାଥମିକ ଆଲୁମିନିୟମ ଶିଳ୍ପକୁ ପ୍ରତିନିଧିତ୍ୱ କରେ। ଶିଳ୍ପଗୁଡ଼ିକର କାର୍ଯ୍ୟକଳାପ ବିଷୟରେ ସଚେତନତା ସୃଷ୍ଟି କରିବା, ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ପାଇଁ ସହଯୋଗ କରିବା ଏବଂ ସବୁଜ ପ୍ରଯୁକ୍ତିବିଦ୍ୟା ନିର୍ମାଣରେ ଆଲୁମିନିୟମ୍ ବ୍ୟବହାର କରିବାର ମହତ୍ୱପୂର୍ଣ୍ଣ ଲାଭ ଉପରେ ଏହା ଗୁରୁତ୍ୱ ଦିଆଯାଇଛି। ବର୍ତ୍ତମାନର ବିଶ୍ୱର ଅଗ୍ରଣୀ ବକ୍ସାଇଟ୍, ଆଲୁମିନା ଏବଂ ଆଲୁମିନିୟମ୍ କମ୍ପାନୀଗୁଡ଼ିକ ହେଉଛନ୍ତି ଆଇଏଆଇ ସଦସ୍ୟତା। ଉତ୍ପାଦନ, ବ୍ୟବହାର, ଶକ୍ତି ବ୍ୟବହାର ଏବଂ ପରିବେଶ ପ୍ରଭାବ ଉପରେ ୪୦ ବର୍ଷରୁ ଅଧିକ



ବିଶ୍ଳେଷଣ ସହିତ ଏହା ଆଲୁମିନିୟମ ଶିଳ୍ପ ଉପରେ ସର୍ବଭାରତୀୟ ବିଶ୍ୱସ୍ତରୀୟ ତଥ୍ୟକୁ ଧାରଣ କରେ। ନିଜ ନିଯୁକ୍ତି ସମ୍ପର୍କରେ ସୂଚନା ଦେଇ ଜନ୍ ସ୍ଲାଭେନ୍, ସିଇଓ ବେଦାନ୍ତ ଆଲୁମିନିୟମ୍ କହିଛନ୍ତି ଯେ ଆନ୍ତର୍ଜାତୀୟ ଆଲୁମିନିୟମ୍ ପ୍ରତିଷ୍ଠାନର ଉପାଧ୍ୟକ୍ଷ ଦାୟିତ୍ ଗ୍ରହଣ କରି ସେ ଆନନ୍ଦିତ। ଏକ ନେଟ୍ ଜିରୋ ଭବିଷ୍ୟତରେ ବିଶ୍ୱ ପରିବର୍ତ୍ତନରେ ଆଲୁମିନିୟମ୍ ନିଜକୁ ଜରୁରୀ ପ୍ରମାଣିତ କରିସାରିଛି। ଆଲୁମିନିୟମ୍‌ର ଅସୀମ ସମ୍ଭାବନା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସବୁଜ ଗ୍ରହ ନିର୍ମାଣରେ ଏହାର ପ୍ରୟୋଗକୁ ସୁଦୃଢ କରିବା ପାଇଁ ସାମୂହିକ ଶିଳ୍ପର ବିଶ୍ୱସ୍ତରୀୟ ନେତା ଭାବରେ ପ୍ରବାହ ପଡ଼ିଛି। ଏହି ପରିପ୍ରେକ୍ଷୀରେ ଆଇଏଆଇ ପ୍ରୟାସ ଜାରି ରଖିଛି ଏବଂ ଭବିଷ୍ୟତର ନିର୍ଦ୍ଦିଷ୍ଟ ଧାତୁ ଭାବରେ ଆଲୁମିନିୟମକୁ ସୁଦୃଢ କରିବା ପାଇଁ ସାଥୀ ବୋର୍ଡ ସଦସ୍ୟ ଏବଂ ସହକର୍ମୀଙ୍କ ସହିତ କାର୍ଯ୍ୟ କରିବାକୁ ଉତ୍ସାହିତ। ଧାତୁ, ଖଣି ଏବଂ ଆଧୁନିକ ଉତ୍ପାଦନ ଶିଳ୍ପରେ ତିନି ଦଶନ୍ଧିରୁ ଅଧିକ ସମୃଦ୍ଧ ଅଭିଜ୍ଞତା ସହିତ ଶ୍ରୀ ସ୍ଲାଭେନ୍ ଜଣେ ପ୍ରତିଷ୍ଠିତ ବିଶ୍ୱସ୍ତରୀୟ ନେତା। ଏହି କ୍ଷେତ୍ରଗୁଡ଼ିକ ମଧ୍ୟରେ ଶୀର୍ଷ କମ୍ପାନୀଗୁଡ଼ିକରେ ବିଭିନ୍ନ ପଦବୀ ମାଧ୍ୟମରେ, ସେ ପରିବର୍ତନଶୀଳ ଉପାୟରେ ସାମଗ୍ରିକ ଡୋମେନ୍ ଗଠନ କରିବାରେ ସାହାଯ୍ୟ କରିଛନ୍ତି। ବର୍ତ୍ତମାନ ଶ୍ରୀ ସ୍ଲେଭେନ୍ ସିଇଓ ଭାବରେ ବେଦାନ୍ତ ଆଲୁମିନିୟମର ଅଭିବୃଦ୍ଧି ରଣନୀତିର ସମସ୍ତ ଦିଗକୁ ଆଗେଇ ନେଉଛନ୍ତି। ଏଥିସହ ଇଏସଜି ପ୍ରୟାସକୁ ପ୍ରାଥମିକତା ଦେଇଛନ୍ତି। ସ୍ଥାୟୀ ଅଭ୍ୟାସଗୁଡ଼ିକର ଏକୀକରଣକୁ ସମର୍ଥନ କରୁଛନ୍ତି। ତାଙ୍କ ନେତୃତ୍ୱରେ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ-୨୦୨୩ ଅନୁଯାୟୀ ବେଦାନ୍ତ ଆଲୁମିନିୟମ୍ ଦୁନିଆର ସବୁଠାରୁ ସ୍ଥାୟୀ ଆଲୁମିନିୟମ୍ କମ୍ପାନୀ ଭାବରେ ଉଭା ହୋଇଛି।

# ପୋଷ୍ଟାଲ ବାଲାଟ୍ ମତଦାନ

**ଦେବଗଡ଼, ୨୧।୫(ସମିସ):** ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଦେବଗଡ଼ ଜିଲ୍ଲାର ଭୋଟ ଗ୍ରହଣ ନିମନ୍ତେ ନିଯୁକ୍ତ ଥିବା ପୁଲିସ, ବିଦ୍ୟୁତ୍ ବିଭାଗର କର୍ମଚାରୀ, ଓଡ଼ିଶା ରାଜ୍ୟ ପରିବହନ ନିଗମର କର୍ମଚାରୀ, ମେଡିକାଲ କର୍ମଚାରୀ, ବ୍ୟାଙ୍କ କର୍ମଚାରୀ ଓ ବିଏଲଓ ବ୍ୟକ୍ତିଙ୍କ ସକାଶେ ପୋଷ୍ଟାଲ ବାଲାଟରେ ଭୋଟ୍ ଗ୍ରହଣ କରାଯାଇଛି। କେହି



ଯେମିତି ଭୋଟ ଦାନଅଧିକାରରୁ ବାଦ୍ ପଡ଼ିବେ ନାହିଁ ସେମାନଙ୍କ ସକାଶେ ଏହି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୁରୁଣା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମତଦାନ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଫର୍ମ ୧୨ (ଡି) ରେ ଆବେଦନ କରିଥିବା ପୋଲିଂ କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କ ମଧ୍ୟରୁ ୧୨୫ ଜଣ ପୁଲିସ କର୍ମଚାରୀ ଓ ୭୧ ଜଣ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସହ ଓଡ଼ିଶା ରାଜ୍ୟ ପରିବହନ, ମେଡିକାଲ, ବ୍ୟାଙ୍କ କର୍ମଚାରୀ ଓ ବିଏଲ୍ ମତଦାନ୍ କରିଛନ୍ତି।

# ରୋମାଞ୍ଚଙ୍କ ଜୋର୍‌ଦାର୍ ପ୍ରଚାର



**ରିଆମାଳ, ୨୧।୫(ସମିସ):** ଦେବଗଡ଼ ବିଧାନସଭା ବିଜେଡି ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ରିଆମାଳ ବ୍ଲକର ରିଆମାଳ, ମଳେହିପଡ଼ା, ଆଡ଼ସ୍, କୋହ୍ଲବସା, ତେନ୍ତୁଳାବାହାଲ ପଞ୍ଚାୟତରେ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ନିଜ ପାଇଁ ନିର୍ବାଚନ ପ୍ରଚାର ଜୋର୍‌ଦାର କରିଛନ୍ତି। ରିଆମାଳ ଗ୍ରାମରେ କର୍ମୀଙ୍କ ସହ ପଦଯାତ୍ରା କରିଥିଲେ। ରିଆମାଳ ବଜାରର ଦୋକାନରୁ ଦୋକାନକୁ ଯାଇ ଦୋକାନୀଙ୍କୁ ଭୋଟଭିକ୍ଷା କରିଥିଲେ। ସେହିପରି ରିଆମାଳ କଲ୍ୟାଣ ମଣ୍ଡପ, ମଳେହିପଡ଼ା, କୋହ୍ଲବସା, ତେନ୍ତୁଳାବାହାଲ ଓ ଆଡସ୍ ପଞ୍ଚାୟତସ୍ତରୀୟ କର୍ମୀଙ୍କୁ ନେଇ ନିର୍ବାଚନ ସଭାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଅବଗତ କରିଥିଲେ। ଏହା ସହିତ ଦଳର ଇସ୍ତାହାର ଉପରେ ଆଲୋକପାତ କରି ଦୁଇଟି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଭୋଟରଙ୍କୁ ଅନୁରୋଧ କରିଥିଲେ। ରାଜ୍ୟରେ ଷଷ୍ଠ ଥର ପାଇଁ ବିଜେଡ଼ି ସରକାର ଆସିଲେ ଜୁଲାଇରୁ ୧୦୦ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ଼ ହେବ ବୋଲି ବିଜେଡ଼ି ପ୍ରାର୍ଥୀ ଶ୍ରୀ ବିଶ୍ୱାଳ ପରିପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ଅର୍ଚ୍ଚନା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପଞ୍ଜିଆ ଭୋଇ, ପୂର୍ବତନ ବ୍ଲକ ବିଜେଡି ସଭାପତି ତରଣି ସେନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟ୍ରଙ୍ଗରୁମ୍‌ରେ ରହିଲା ଇଭିଏମ୍

**ଝାରସୁଗୁଡ଼ା, ୨୧।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ଦୁଇଟି ନିର୍ବାଚନ ମଣ୍ଡଳୀ ବ୍ରଜରାଜନଗର ଓ ଝାରସୁଗୁଡ଼ାରେ ନିର୍ବାଚନରେ ନିର୍ବାଚନ ଶେଷ ହୋଇଛି। ଝାରସୁଗୁଡ଼ାରେ ରେକର୍ଡ଼ ସଂଖ୍ୟକ ଭୋଟ ୭୮.୫୦ ପ୍ରତିଶତ ଗ୍ରହଣ କରାଯାଇଛି। ସେହିପରି ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ୭୫.୦୨ ପ୍ରତିଶତ ମତଦାନ କରିଛନ୍ତି। ଝାରସୁଗୁଡ଼ା ଇଞ୍ଜିନିଅରିଂ ସ୍କୁଲ ପରିସରରେ କରାଯାଇଥିବା ଷ୍ଟ୍ରଙ୍ଗରୁମ୍‌ରେ କଡା ସୁରକ୍ଷା ଭିତରେ ଇଭିଏମ ଏବଂ ଭିଭିପାଟ ମେସିନ ରଖାଯାଇଛି। ସିସିଟିଭି ସ୍କାନରରେ ଇଭିଏମ ଏବଂ ଭିଭିପାଟ ମେସିନ ରଖାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି। ପ୍ରଥମ ବଳୟରେ ଏକ ପ୍ଲାଟୁନ ସିଆରପିଏଫ୍ ମୁତୟନ ରହିଛନ୍ତି। ଦ୍ୱିତୀୟରେ ରାଜ୍ୟ ସଶସ୍ତ୍ର ବାହିନୀ ରହିଛି। ତୃତୀୟରେ ଜିଲ୍ଲା ପୁଲିସ ମୁତୟନ ରହିଛନ୍ତି। କୌଣସି ପରିସ୍ଥିତିରେ ମଧ୍ୟ ବିନା ଅନୁମତିରେ କେହି ବି ଭିତରକୁ ଯାଇ ପାରିବେ ନାହିଁ ବୋଲି ଏସ୍‌ପି ସ୍ମିତ ପି ପରମାର ସୂଚନା ଦେଇଛନ୍ତି। ଜୁନ ୪ ସକାଳ ୮ ଟାରୁ ଭୋଟ ଗଣତି ଆରମ୍ଭ ହେବ।

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଝାରସୁଗୁଡ଼ା, ୨୧।୫(ସମିସ):** କୋଲାବିରା ଥାନା ଅଞ୍ଚଳରେ ହୋଇଥିବା ଏକ ମରଣାନ୍ତକ ମାମଲାରେ ପ୍ରମାଣ ଅଭାବରୁ ଅଭିଯୁକ୍ତକୁ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୧୫।୧।୨୦୨୩ରେ କୋଲାବିରା ଥାନା କେଲଡ଼ାମାଲ ଗାଁର ଦିବ୍ୟଶଙ୍କର ଚୌଧୁରୀ ସେଭେନଷ୍ଟାର କାରଖାନାରୁ ବାଇକ୍‌ରେ ଫେରୁଥିଲେ। ବାଟରେ ସେହି ଗ୍ରାମର ହରେକୃଷ୍ଣ ମେହେର ତାଙ୍କୁ ଅଟକାଇ ଠେଙ୍ଗାରେ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚିବାରୁ ହରେକୃଷ୍ଣ ଫେରାର ହୋଇଥିଲା। ପରଦିନ ଦିବ୍ୟଶଙ୍କରଙ୍କ ବାପା କୋଲାବିରା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ବର୍ଷେ ହେବ ହରେକୃଷ୍ଣ ଝାରସୁଗୁଡ଼ା ବିଚାର ବିଭାଗୀୟ ହାଜତରେ ରହିଥିଲା। ଶେଷରେ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛି। ସରକାରୀ ଓକିଲ ବସନ୍ତ ସାହୁ ମାମଲା ପରିଚାଳନା କରୁଥିଲେ।

## ବ୍ରଜରାଜନଗର ଅଞ୍ଚଳରେ କାଳବୈଶାଖୀ

**ବ୍ରଜରାଜନଗର, ୨୧।୫(ସମିସ):** ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ହୋଇଛି। ଲୋଇସିଂ, ରାଜପୁର, ଚନ୍ଦନୀମାଲ, ଗୌଡ଼ମାଲ ପଞ୍ଚାୟତ ସମେତ ବ୍ରଜରାଜନଗର ପୌର ପରିଷଦ ଅଞ୍ଚଳରେ ବହୁ ଜୋରରେ ପବନ ସହ ବର୍ଷା ଯୋଗୁଁ ବ୍ରଜରାଜନଗର ବିଦ୍ୟୁତ୍‌ଖଣ୍ଡର ଅନେକ ଅଞ୍ଚଳ ଅନ୍ଧାର ହୋଇ ଯାଇଥିଲା। ତେବେ ଅଞ୍ଚଳବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତ ମିଳିଛି। ପ୍ରାୟ ଅଞ୍ଚଳରେ କିନ୍ତୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି।

## ବିଜୁ ଯୁବ-ଛାତ୍ର କର୍ମୀ ସମ୍ମିଳନୀ

**ଦେବଗଡ଼, ୨୧।୫(ସମିସ):** ଦେବଗଡ଼ ଜିଲ୍ଲା ବିଜେଡି ଯୁବ-ଛାତ୍ର ପକ୍ଷରୁ ରିଆମାଳ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟମରେ ଯୁବ-ଛାତ୍ରର ପର୍ଯ୍ୟବେକ୍ଷକ ନାରାୟଣ ସିଂ ଯୋଗ ଦେଇ ନିର୍ବାଚନରେ ଯୁବ କର୍ମୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ସଚେତନ କରିଥିଲେ। ଯୁବ ବିଜେଡି ଜିଲ୍ଲା ସଭାପତି ପ୍ରତାପ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଜିଲ୍ଲା ଛାତ୍ର ସଭାପତି ଭବାନୀ ସାହୁ, ରିଆମାଳ ବ୍ଲକ ଯୁବ ସଭାପତି ଆଲୋକ ପ୍ରଧାନ, ଯୁବ ନେତା ଜିତୁ ସାହୁ, ରୂପକ ମାଝୀ, ଶୁଭ୍ରାଂଶୁ ଗିରି ପ୍ରମୁଖ ମଞ୍ଚାସୀନ ଥିଲେ। ନିଷ୍ଠାର ସହିତ କାର୍ଯ୍ୟ କରି ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର କ୍ଷମତାସୀନ କରିବାକୁ କର୍ମୀଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା।

# କୁଣ୍ଢେଇଗୋଳା, ରିଆମାଳ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ

**ଦେବଗଡ଼, ୨୧।୫(ସମିସ):** ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ କୁଣ୍ଢେଇଗୋଳା ଓ ରିଆମାଳ ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଏସ୍‌ପି ଅନୁପମା ଜେମ୍ସଙ୍କ ନେତୃତ୍ୱରେ ଏସ୍‌ଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକ, ତ୍ରିପୁରା ରାଜ୍ୟ ସଶସ୍ତ୍ର ପୁଲିସ ବାହିନୀ ସହକାରୀ କମାଣ୍ଡାଣ୍ଟ ଭାନୁ ଦେବନାଥ, କୁଣ୍ଢେଇଗୋଳା ଥାନା ଅଧିକାରୀ ପ୍ରତିଭା ଟପ୍ପୋ ଓ ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ



ରାଉତଙ୍କ ସମେତ କୁଣ୍ଢେଇଗୋଳା ଓ ରିଆମାଳ ଥାନାର ସମସ୍ତ ଅଧିକାରୀଙ୍କ ସହ ଏକ ପ୍ଲାଟୁନ ପୁଲିସ ବଳ ଓ ୨ ପ୍ଲାଟୁନ ତ୍ରିପୁରା ରାଜ୍ୟ ସଶସ୍ତ୍ର ବାହିନୀ ଯବାନ କୁଣ୍ଢେଇଗୋଳା ଥାନା ଆଉଁଳି ଓ କୁସୁମପାଳ ଏବଂ ରିଆମାଳ ଥାନାଞ୍ଚଳର ଖଜୁରୀଖମଣ, କଂସର ଓ ଦୁଧିଆନାଳୀ ଗ୍ରାମର ବିଭିନ୍ନ ସାହିଗଳିରେ ଫ୍ଲାଗମାର୍ଚ୍ଚ କରିଥିଲେ। ଏହି ଅବସରରେ ଗ୍ରାମରେ ବରିଷ୍ଠ ନାଗରିକଙ୍କ ସହ ଆଲୋଚନା କରି ଗଣତନ୍ତ୍ରର ପବିତ୍ର ପର୍ବରେ ନିଜ ଅଞ୍ଚଳରେ ଶତ ପ୍ରତିଶତ ମତଦାନ କରିବାକୁ ସଚେତନ କରିଥିଲେ। ଅବାଧ ଓ ଭୟମୁକ୍ତ ନିର୍ବାଚନ ନିମନ୍ତେ ଜନ ସାଧାରଣଙ୍କ ସହ ପୁଲିସ ସର୍ବଦା ସୁରକ୍ଷା ପାଇଁ ନିୟୋଜିତ ଥିବା ବାର୍ତ୍ତା ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ଏସପି ଶ୍ରୀମତୀ ଜେମ୍ସ ପ୍ରକାଶ କରିଛନ୍ତି।

# ମହିଳା ଜନକଲ୍ୟାଣ ସଂଗଠନ ତରଫରୁ 'ଜନ ଇସ୍ତାହାର'

**ଦେବଗଡ଼, ୨୧।୫(ସମିସ):** ଓଡ଼ିଶା ଶ୍ରମଜୀବୀ ମଞ୍ଚ, ଓଡ଼ିଶା ମହିଳା ଶ୍ରମଜୀବୀ ମଞ୍ଚ ଏବଂ ଏହାର ୧୭ଟି ଜିଲ୍ଲାରେ କାର୍ଯ୍ୟରତ ୨୧ଟି ସଦସ୍ୟ ସଂଗଠନ ମିଳିତ ଭାବେ ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଏକ




ଜନ ଇସ୍ତାହାର ପ୍ରକାଶ କରିଛି। ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ସମସ୍ତ ରାଜନୈତିକ ଦଳକୁ ଏହା ପ୍ରଦାନ କରାଯାଇଛି। କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡା, କନ୍ଧମାଳ, ବୌଦ୍ଧ, ଗଜପତି, ନୟାଗଡ଼, ଖୋର୍ଦ୍ଧା ଆଦି ୧୭ଟି ଜିଲ୍ଲାର ଆଦିବାସୀ ଦଳିତ ଓ ପଛୁଆ ଓ ପଛୁଆ ବର୍ଗର ସହଭାଗିତାରେ ଏହା ପ୍ରସ୍ତୁତ ହୋଇଛି। ଏହି ଇସ୍ତାହାର ବିଶେଷ କରି ମନରେଗା ଯୋଜନା ଅଧୀନରେ ନିଯୁକ୍ତି ସହ ମଜୁରୀ ବୃଦ୍ଧି, ଦୀର୍ଘକାଳୀନ କୃଷି ଯୋଜନା, ନିରାପଦ ଏବଂ ବିଶୁଦ୍ଧ ପାନୀୟ ଜଳ, ସର୍ବଜନୀନ ଓ ଉନ୍ନତମାନର ଶିକ୍ଷା ପ୍ରଦାନ, ଖାଦ୍ୟ ସୁରକ୍ଷାରେ ପୁଷ୍ଟିକର ଖାଦ୍ୟ ସହ ସୁଲଭ ମୂଲ୍ୟରେ ଉନ୍ନତମାନର ତେଲ ଏବଂ ଡାଲି ପ୍ରଦାନ, ସାମାଜିକ ସୁରକ୍ଷା, ସମାଜରେ ମହିଳାଙ୍କୁ ସମାନ ଅଧିକାର ପ୍ରଦାନ ସହ ବିଭିନ୍ନ ସୁବିଧା, ତୃତୀୟ ଲିଙ୍ଗ ପ୍ରତି ସମାଜରେ ସଚେତନତା ତଥା ଲିଙ୍ଗଗତ ନୀତି ନିୟମ ପ୍ରସ୍ତୁତ ଓ କାର୍ଯ୍ୟକାରୀ କରିବା ଇତ୍ୟାଦି ଉପରେ ଗୁରୁତ୍ୱରୋପ କରାଯାଇଛି। ନିର୍ବାଚନରେ ଜନସାଧାରଣଙ୍କ ଭାଗିଦାରିତାକୁ ସୁନିଶ୍ଚିତ କରିବା ଏବଂ ନିର୍ବାଚନ ପରେ ଜିତିଥିବା ପ୍ରତିନିଧିଙ୍କୁ ଅଧିକରୁ ଅଧିକ ଜନମଙ୍ଗଳ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଏହି ଜନ ଇସ୍ତାହାରର ଉଦ୍ଦେଶ୍ୟ ବୋଲି ଏକ ପ୍ରେସ୍‌ବିବୃତ୍ତିରେ ମହିଳା ଜନକଲ୍ୟାଣ ସଂଗଠନ, ଦେବଗଡ଼ ଜିଲ୍ଲାର ଗୀତାଞ୍ଜଳି ମହାନ୍ତି ପ୍ରକାଶ କରିଛନ୍ତି। ଏହି ଇସ୍ତାହାର ସଂଗଠନରେ ସାମିଲ ଥିବା ଲୋକଙ୍କ ସାମୂହିକ ଅଙ୍କାକ୍ଷା ଓ ଦାବିକୁ ପ୍ରତିଫଳିତ କରାଯାଇଛି; ଯାହାକି ଏହି ତୃଣମୂଳ ସ୍ତରରେ ଥିବା ଲୋକଙ୍କ ସହ ବିଚାର ଆଲୋଚନା, ବ୍ୟାପକ ଅଧ୍ୟୟନ ଏବଂ ପରସ୍ପରିକ ସାକ୍ଷାତକାର ମାଧ୍ୟମରେ ସଂଗୃହିତ ଓ ସଂକଳିତ ହୋଇଛି। ମହିଳା ଜନକଲ୍ୟାଣ ସଂଗଠନର ସଭାନେତ୍ରୀ ନୀଳିମା କାରିଗର, ସମ୍ପାଦିକା ରିତାବିନ୍ଦୁ ଟପ୍ପୋ, ବିଭୁତି ଭୂଷଣ ବିନ୍ଧାଣି, ଗୋଲାପ ସାହୁ ସଦସ୍ୟା ସୁଷମା ପ୍ରଧାନ, ଗାୟତ୍ରୀ ସେଠି, ରଞ୍ଜିତା ସେଠି, ସୁକାନ୍ତି ଭୂୟାଁ, ସବିତା ଧୀବର, ସୁମିତ୍ରା ହରିଜନ, ନିରୁପମା ପାତ୍ର, ମଲ୍ଲୀ ପାତ୍ର, ଟୁନି ବେହେରା, ତୁଳସୀ ପାତ୍ର, ଆରତୀ ପାତ୍ର, ପୁଷ୍ପାଞ୍ଜଳି ବେହେରା, କୁମୁଦିନୀ ନାୟକ ଓ ବାସନ୍ତୀ ପାତ୍ର ପ୍ରମୁଖ ଏହା ପ୍ରକାଶ କରିଛନ୍ତି।

# ବିଗ୍ ମାର୍ଜିନ୍ ଆଡ଼କୁ ଦୀପାଳି ଓ ଅଳକା

**ଝାରସୁଗୁଡ଼ା, ୨୧।୫ (ସମିସ):** ଝାରସୁଗୁଡ଼ାରେ ଭୋଟର ଭୋଟ ଦେବାକୁ ଟାଣ ଖରାରେ ଛିଡ଼ାହୋଇ ଉତ୍ସାହର ସହିତ ନିଜ ମତ ସାବ୍ୟସ୍ତ କରିଛନ୍ତି। ରେକର୍ଡ଼ସଂଖ୍ୟକ ଭୋଟ ଗ୍ରହଣକୁ ନଜର ଦେଲେ ବିଗ୍ ମାର୍ଜିନ ଆଡ଼କୁ ଦୀପାଳି ଓ ଅଳକା ଯାଉଥିବା ସ୍ପଷ୍ଟ ବାରି ହେଉଛି। ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ଝାରସୁଗୁଡ଼ା ଗସ୍ତ ସହିତ ଦୀପାଳି ଓ ଅଳକା ମହାନ୍ତିଙ୍କ ପାଇଁ ଭୋଟ ମାଗିବା ନିଶ୍ଚିତ ଭାବରେ ଭୋଟରଙ୍କ ମନରେ ପ୍ରଭାବ ପକାଇଛି। ସେହିପରି ବିଭିନ୍ନ ବ୍ଲକ, ପୌରାଞ୍ଚଳ ଓ ଜିଲ୍ଲା ପର୍ଯ୍ୟବେକ୍ଷକ, ବିଜେଡ଼ି ନେତୃବୃନ୍ଦ ଦିନରାତି ଲୋକଙ୍କ ସହ ମିଶି ତାଙ୍କର ସମସ୍ୟା ସହ ଅବଗତ ରହିଥିଲେ। ଝାରସୁଗୁଡ଼ାରେ ସ୍ୱର୍ଗତ ନବ ଦାସ ଓ ବ୍ରଜରାଜନଗରରେ କିଶୋର ମହାନ୍ତିଙ୍କ ବିକାଶମୂଳକ କାର୍ଯ୍ୟ ଭୋଟରଙ୍କୁ ଆକୃଷ୍ଟ କରିଛି। ସେହିପରି ବିରୋଧୀ ଦଳର ବାହାସ୍ଫୋଟ ମଧ୍ୟ ଲୋକେ ଦେଖି ସାରିଛନ୍ତି। କେମିତି ଭୋଟରଙ୍କୁ ପ୍ରଭାବିତ କରିବାକୁ ବିଭିନ୍ନ ଉପାୟ ଅବଲମ୍ବନ କଲେ ମଧ୍ୟ କୌଣସି ସୁଫଳ ମିଳିବନି ବୋଲି ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ସର୍ବୋପରି ବିଜୁ ଜନତା ଦଳ ପ୍ରତି ଲୋକଙ୍କ ଅଗାଧ ବିଶ୍ୱାସ ରହିଛି। ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଓ ବ୍ରଜରାଜନଗରବାସୀଙ୍କ ପାଇଁ କରିଥିବା ଅଗଣିତ ଯୋଜନାରେ ହଜାର ହଜାର ଜନ ସାଧାରଣ ଉପକୃତ ହୋଇଛନ୍ତି। ଏହାର ପ୍ରତିଫଳନ ନିଶ୍ଚିତ ଭାବେ ଫଳାଫଳରେ ପ୍ରତିଫଳିତ ହେବ। ଚଳିତ ସାଧାରଣ ନିର୍ବାଚନରେ ରେକର୍ଡ଼ ସଂଖ୍ୟକ ଭୋଟ ହାର ରହିଛି। ପ୍ରଥମରୁ ଦେଖିବାକୁ ଗଲେ ବହୁ କମ୍ ସଂଖ୍ୟକ ଭୋଟର ଘରୁ ବାହାରି ଭୋଟ ଦେଇଥିଲେ। ଅପରାହ୍ନ ସୁଦ୍ଧା ଦେଖାଯାଇଥିବା ଭୋଟହାର ଅତି ନୈରାଶଜନକ ରହିଥିଲା। ସନ୍ଧ୍ୟା ସୁଦ୍ଧା ୬୦ ପ୍ରତିଶତ ଅତିକ୍ରମ କରିବ କି ନାହିଁ ତାହା ମଧ୍ୟ ସନ୍ଦେହ ରହିଥିଲା; କିନ୍ତୁ ଅପରାହ୍ନରେ ଭୋଟରଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାତି ୧୧ଟା ସୁଦ୍ଧା କେତେ ସଂଖ୍ୟକ ଭୋଟ ହୋଇଛି ତାହା ନିର୍ବାଚନ ଅଧିକାରୀଙ୍କୁ ଆକଳନ କରିବାରେ ମଧ୍ୟ ଅସମର୍ଥ ରହିଥିଲେ। ଏଥିରୁ ସ୍ପଷ୍ଟ ହେଉଛି ଯେ ନିଶ୍ଚିତ ଭାବେ ଦୀପାଳି ଓ ଅଳକା ବିଗ୍ ମାର୍ଜିନ ଆଡକୁ ଅଗ୍ରସର ହେଉଥିବା ସୁନିଶ୍ଚିତ ହୋଇଛି।

### ଅମିତ ଶାହାଙ୍କ କାର୍ଯ୍ୟକ୍ରମରେ ବୃଦ୍ଧା ମୃତ

# କେନ୍ଦ୍ରୀୟ ନେତାଙ୍କ କାର୍ଯ୍ୟକ୍ରମରେ ବଳି ପଡୁଛନ୍ତି ସମ୍ବଲପୁରବାସୀ: ଡ. ଲେନିନ୍ ମହାନ୍ତି

**ସମ୍ବଲପୁର, ୨୧।୫(ସମିସ)**

ସମ୍ବଲପୁରର ଜନତାଙ୍କ ପାଇଁ ବିଜେପି ନେତାଙ୍କ ସଭା ସମିତି କାଳ ହେଉଛି। ଭିଡ଼ ଦେଖାଇବାକୁ ଲୋକଙ୍କୁ ଧରି ଆଣୁଛନ୍ତି ସତ କିନ୍ତୁ କାହାକୁ ପାଣି ଟିକିଏ ପଚାରୁନାହାନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମାଙ୍କନ ଦାଖଲ ଦିନ ଶୋଭାଯାତ୍ରାରେ ସାମିଲ ହୋଇଥିବା ଜଣେ କଳାକାରଙ୍କ ମୃତ୍ୟୁ ହୋଇଥିଲା। ସମାନ ଭାବରେ ବିଜେପିର ମୁଖ୍ୟ ନେତୃତ୍ୱ ଅମିତ ଶାହାଙ୍କ କାର୍ଯ୍ୟକ୍ରମରେ ଅଘଟଣ ଘଟିଛି। ଅମିତ ଶାହାଙ୍କ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ଯାହାକି ସମ୍ବଲପୁରରେ ବିଜେପି ଦଳର କେନ୍ଦ୍ରୀୟ ନେତାଙ୍କ କାର୍ଯ୍ୟକ୍ରମ ଶୁଭଙ୍କର ନୁହେଁ ବୋଲି ଜନମହଲରେ ଚର୍ଚ୍ଚା ହେଉଥିବା କହିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି।

ପ୍ରକାଶ ଯେ ମଙ୍ଗଳବାର ଦିନ ସମ୍ବଲପୁରକୁ ବିଜେପି ନେତା ଅମିତ ଶାହାଙ୍କ ଗସ୍ତ ଥିଲା। ଅଇଁଠାପାଲି ସ୍ଥିତ ପିଏଚଡି ପଡ଼ିଆରେ ଏକ ଜନସଭା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅମିତ ଶାହାଙ୍କ କାର୍ଯ୍ୟକ୍ରମରେ ଲୋକଭିଡ଼ ଦେଖାଇବାକୁ ଗତଥର ଭଳି ଦୂରଦୂରାନ୍ତରୁ ସକାଳୁ ଲୋକଙ୍କୁ ଡାକି ଆଣିଥିଲେ। ବୁର୍ଲା ସ୍ଥିତ ବିଷ୍ଣୁମନ୍ଦିର ପଡ଼ାରୁ ଜଣେ ବୃଦ୍ଧାଙ୍କୁ ଅଣାଯାଇଥିଲା। ନାଁ ତାଙ୍କର କୁନ୍ତଳା ମହାନନ୍ଦ। ବୟସ ୬୦ରୁ ଅଧିକ ହେବ। ବୁର୍ଲାର ବିଜେପି ନେତାମାନେ ସକାଳ ୮ଟାରୁ କୁନ୍ତଳାଙ୍କୁ କାର୍ଯ୍ୟକ୍ରମ ସ୍ଥଳକୁ ଧରିଆଣି ବସାଇ ଦେଇଥିଲେ। କିନ୍ତୁ ଅମିତ ଶାହାଙ୍କ

- ଘଟଣାକୁ ଚପାଇଦେବାକୁ ବିଜେପି ନେତାଙ୍କ ଉଦ୍ୟମ
- ଧର୍ମେନ୍ଦ୍ର ପ୍ରଧାନଙ୍କ ନାମାଙ୍କନ ଦାଖଲ ବେଳେ ଶୋଭାଯାତ୍ରାରେ ଜଣେ କଳାକାରଙ୍କ ଜୀବନ ଯାଇଥିଲା
- କାର୍ଯ୍ୟକ୍ରମକୁ ଧରିଆଣି ପାଣି ଟିକିଏ ବି ଦେଉନାହାନ୍ତି

କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ୧୧ଟା ୩୦ ମିନିଟରେ। ଦୀର୍ଘ ସମୟ ଧରି ବସିରହିଥିଲେ ହେଁ କେହି ତାଙ୍କୁ ଖାଇବାକୁ କି ପାଣି ଟିକିଏ ପିଇବାକୁ ଦେଇ ନ ଥିଲେ। ଯାହା ଫଳରେ ସେ ଅଂଶୁଘାତର ଶିକାର ହୋଇଥିଲେ ବୋଲି କୁହାଯାଉଛି। ଅମିତ ଶାହାଙ୍କ କାର୍ଯ୍ୟକ୍ରମ ଚାଲିଥିବା ସମୟରେ କୁନ୍ତଳା ହଠାତ୍ ଚେତାଶୂନ୍ୟ ହୋଇ ଟଳି ପଡ଼ିଥିଲେ। କିନ୍ତୁ ବିଜେପିର ନେତାଙ୍କ ଚିନ୍ତାଧାରା ଦେଖନ୍ତୁ ତାଙ୍କୁ ଚିକିତ୍ସାଳୟ ନେବା ପରିବର୍ତ୍ତେ ଘରକୁ ନେଇଥିଲେ। ଘରୁ ହସ୍ପିଟାଲକୁ ନେଉଥିବା ସମୟରେ ବାଟରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଏହା ହେଉଛି ବିଜେପିର ଅମିତ ଶାହାଙ୍କ ମାନସିକତା, ଧର୍ମେନ୍ଦ୍ର ପ୍ରଧାନଙ୍କ ମାନସିକତା। ଏହା ପୂର୍ବରୁ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକ୍ରମରେ ସମାନ ଘଟଣା ଘଟିଥିଲା। ଖାଇବା, ପିଇବାକୁ ନ ପାଇ ଜଣେ କଳାକାରଙ୍କ ମୃତ୍ୟୁ ହୋଇଥିଲା। ତେବେ ସମ୍ବଲପୁରରେ ବିଜେପି ନେତାମାନେ କାର୍ଯ୍ୟକ୍ରମ କଲେ କିଛି ନା କିଛି ଅଘଟଣ ଘଟୁଛି। ଯାହାକି ଆଗାମୀ ଦିନରେ ସମ୍ବଲପୁର ଏବଂ ସମ୍ବଲପୁରର ଜନତାଙ୍କ ଶୁଭ ନୁହେଁ ବୋଲି ସହରରେ ଚର୍ଚ୍ଚା ଜୋର ଧରିଛି।

